ମାସିକ ଇ-ପତ୍ରିକା

# ଆମ କବିତା

ପ୍ରଥମ ବର୍ଷ । ଅଷ୍ଟମ ସଂଖ୍ୟା । ଅଗଷ୍ଟ ୨୦୨୨



AMARISATYA
Estd.: 2006
ODISHA

# ଆମ କବିତା


**ମାର୍ଗଦର୍ଶକ**

ଡ. ପ୍ରମୋଦ ଚନ୍ଦ୍ର ଦାଶ

**ଉପଦେଷ୍ଟା ମଣ୍ଡଳୀ**

ବିଭୁପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

ନିଶିକାନ୍ତ କହଲସିଂହ

**ସମ୍ପାଦକ**

ସମରଜିତ ପଟ୍ଟନାୟକ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ବାବାଜୀ ଜେନା

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଇ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ




ସବୁଠି ଉଡୁଛି ଉଡୁଛି ତ୍ରିରଙ୍ଗା....
ସବୁ କାର୍ଯ୍ୟାଳୟରେ....ବିଦ୍ୟାଳୟରେ....
ମହାବିଦ୍ୟାଳୟରେ....
ପାନ ଦୋକାନରେ....ମଦ ଦୋକାନରେ ବି....
ଧନୀର ପ୍ରାସାଦରେ..... ଗରିବର କୁଡିଆରେ....
ହେଲେ ସେମିତି ଚାଲିଛି ସଂସାର.....
ଯେମିତି ଚାଲୁଥିଲା......
ଖାଲି ଛାତତଳେ ଚାଲୁଥିଲା ପି.ସି କାରବାର....
ନିଷିଦ୍ଧ ତମାଖୁ ବିକ୍ରି..... ମଦ୍ୟପାନ.....
ନାରୀ ନିର୍ଯ୍ୟାତନା.....ପରିବାରରେ କଳହ.....
ସବୁ ସେମିତି ଅଛି ଆଜିକାଲି......
ହେଲେ, ସବୁ ଚାଲିଛି.........
ତ୍ରିରଙ୍ଗା ପତାକା ତଳେ....କାହିଁକି ନା.......
ସବୁ ଛାତ ଉପରେ ଉଡୁଛି ତ୍ରିରଙ୍ଗା....
ଫରଫର ହୋଇ.....ସ୍ୱାଧୀନତାର-
ଅମୃତ ମହୋତ୍ସବର ଗୀତ ଗାଇଗାଇ.....
ତଥାପି ଆଶା ଅଛି, ସମୟ ବଦଳିବ....
ସମାଜ ବଦଳିବ.....ବଦଳିବ ମଣିଷର ପ୍ରକୃତି ଓ ପ୍ରବୃତ୍ତି.....
ସାକାର ହେବ ଗାନ୍ଧିଜୀଙ୍କ ରାମରାଜ୍ୟର ସ୍ୱପ୍ନ....।

ସମରଜିତ ପଟ୍ଟନାୟକ


**ଆମରି ସତ୍ୟ**

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ,
ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

ଆମ କବିତା
ଅଗଷ୍ଟ
୨୦୨୨


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଧୋକା | କାଳିପ୍ରସାଦ ମହାପାତ୍ର | ୫ |
| ୨ . | ମୋକ୍ଷ ପ୍ରତୀକ୍ଷାରେ | ଉମେଶ ଚନ୍ଦ୍ର ପାତ୍ର ( ଥକାମନ ) | ୬ |
| ୩. | ମୋ' ଜନମ ଭୂଇଁ | ବ୍ରଜେଶ୍ୱରୀ ସିଂହ | ୭ |
| ୪. | ହେଜ ଏବେ ବାଇମନ | ପ୍ରଣତି ମହାପାତ୍ର | ୮ |
| ୫. | କଙ୍କାଳ ଚିତ୍କାର | ଜୟଲକ୍ଷ୍ମୀ ସେଠୀ | ୯ |
| ୬. | ତୁମେ ଜାଣିନ କି | ସୁନନ୍ଦା ମହାନ୍ତି | ୧୦ |
| ୭. | ଅନ୍ଧାର | ଆଲୋକ କୁମାର ପ୍ରଧାନ | ୧୧ |
| ୮. | ବଂଶୀସ୍ୱନ | ଆଶୁତୋଷ ମେହେର | ୧୨ |
| ୯. | ଜୀବନ ପଥ | ସୌମ୍ୟଶ୍ରୀ ପଣ୍ଡା | ୧୩ |
| ୧୦. | ଅଭିମାନୀ ଫଗୁଣ | ବିନୟ ମିଶ୍ର | ୧୪ |
| ୧୧. | ଆବର୍ତ୍ତ | ଶୈଳେନ୍ଦ୍ର ନାରାୟଣ ବେହେରା | ୧୫ |
| ୧୨. | ଆଖିରେ ଆଖିରେ ତୁ... | ମାଳବିକା ମିଶ୍ର | ୧୬ |
| ୧୩. | ଶ୍ରାବଣ | ଅଂଜଳି ଦାସ | ୧୭ |
| ୧୪. | ଅଭୁଲା ସେ ସ୍ମୃତି ନଦୀତୀରେ | ସୁମିତା ବେହେରା ବାପି | ୧୮ |
| ୧୫. | ଲୁହ | ବାସନ୍ତୀ ଦାସ | ୧୯ |
| ୧୬. | ଆହେ ଚକାଆଖି | ଡ. ମାଙ୍ଗଳିକା ମହାପାତ୍ର | ୨୦ |
| ୧୭. | ଦୁଇଟି ହୃଦୟର କଥା | ସନ୍ତୋଷ ପଟ୍ଟନାୟକ | ୨୧ |
| ୧୮. | କବିତା ଗୋ ତୁମେ.... | | |
| | ତୁଚ୍ଛ ରାଜନୀତି | ରୀକ୍ଷିରାମ ମେହେର | ୨୨ |
| ୧୯. | ମୁଁ ଠିକ୍ ଦେଖୁଛି | ନିକୁଞ୍ଜ କୁମାର ଘୋଷ | ୨୩ |
| ୨୦. | ଆଉ କେତେକାଳ ??? | ଚନ୍ଦ୍ରପ୍ରକାଶ ପାତ୍ର | ୨୫ |
| ୨୧. | ତୁମ ନୂଆ ଶାଢ଼ୀ ପିନ୍ଧା | ଦିବାକର ନାୟକ | ୨୬ |
| ୨୨. | ତୁମ କଥା ଭାବିବାକୁ.... | ବିନୟ କୁମାର ଦାସ | ୨୭ |
| ୨୩. | ବିଭ୍ରମ - ବିଳାସ | ସ୍ୱପନକୁମାର ଘୋଷ | ୨୮ |
| ୨୪. | ପ୍ରିୟା | ପ୍ରଜ୍ଞା ମହାନ୍ତି | ୨୯ |
| ୨୫. | କବିତା | ରାମଚନ୍ଦ୍ର ପ୍ରଧାନ | ୩୦ |

ଅଗଷ୍ଟ
୨୦୨୨

ଆମ କବିତା


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ସ୍ୱାଧୀନତାର ସ୍ୱାଦ | ରମେଶ ମଙ୍ଗରାଜ | ୩୧ |
| ୨୭. | ଜାଇଫୁଲ | ତାରାପ୍ରସାଦ ଜେନା | ୩୨ |
| ୨୮. | ଶପଥ | ବିଜୟା ଲକ୍ଷ୍ମୀ ମହାପାତ୍ର | ୩୩ |
| ୨୯. | ମହାମହିମ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ | ତ୍ରିଲୋଚନ ଦାସ | ୩୪ |
| ୩୦. | ରାକ୍ଷୀ | ସୁକାନ୍ତି ମିଶ୍ର | ୩୫ |
| ୩୧. | ରାକ୍ଷୀ, ପ୍ରୀତି ବନ୍ଧନର ସାକ୍ଷୀ | ରୋଜାଲିନ୍ ପଟ୍ଟନାୟକ | ୩୬ |
| ୩୨. | ଜୀବନ  ଖାତା | ପ୍ରସନ୍ନ  ମଣ୍ଡଳ | ୩୭ |
| ୩୩. | ତ୍ରିରଙ୍ଗା ଆମରି ଗର୍ବ | ରେଣୁକା ରଥ | ୩୮ |
| ୩୪. | ମହାମହିମ ରାଷ୍ଟ୍ରପତି | ବାସନ୍ତୀ ଦେଈ | ୩୯ |
| ୩୫. | ବନ୍ଧୁତ୍ୱ ଦିବସର ବାର୍ତ୍ତା | ସାରଙ୍ଗଧର ଷଡ଼ଙ୍ଗୀ | ୪୦ |
| ୩୬. | ବିରହିଣୀ (ରାଗ---ମତି ଆହାରି) | ସୁରେଶ ଚନ୍ଦ୍ର ରଥ | ୪୧ |
| ୩୭. | ଶ୍ରାବଣ | ହାସ୍ୟମୟୀ ରାଜ୍ | ୪୨ |
| ୩୮. | ତୁମେ ଗଲା ପରେ | ସତ୍ୟ ନାରାୟଣ ମଲ୍ଲିକ | ୪୩ |
| ୩୯. | କେହି ଜଣେ କହିବା ଶୁଣାଗଲା | ଡ ରଜତ କୁମାର ଷଡଙ୍ଗୀ | ୪୪ |
| ୪୦. | ପରିବର୍ତ୍ତନ | ଯମେଶ୍ୱର କହଲସିଂହ | ୪୫ |
| ୪୧. | ବର୍ଷା ଆସିଛି ବୋଲି | ନିଶିକାନ୍ତ କହଲସିଂହ | ୪୬ |
| ୪୨. | ମନ ନିଆଁ ଜଳେ ଛାତି ତଳେ | ଡ. ଦିଲ୍ଲୀପ ଶ୍ରୀଚନ୍ଦନ | ୪୭ |
| ୪୩. | ବଦଳିବା ଜରୁରୀ | ପ୍ରଶାନ୍ତ କୁମାର ଦାଶ | ୪୮ |
| ୪୪. | ସକାଳ ଜଣାଣ | ଗୋଦାବରୀଶ ଦାସ | ୪୯ |


## ବିଶେଷ ସୂଚନା

ସମ୍ମାନୀୟ କବି ଓ କବୟତ୍ରୀମାନଙ୍କୁ ବିନମ୍ର ଅନୁରୋଧ, 'ଆମ କବିତା' ର ପରବର୍ତ୍ତୀ ମାସିକ ସଂକଳନ ପାଇଁ ଆପଣମାନେ କବିତା ୱାଟସଆପରେ ପଠାଇବା ସହିତ 'ଆମରି ସତ୍ୟ'ର ୟୁଟ୍ୟୁବ ଚାନେଲ ପାଇଁ ନିଜସ୍ୱ ମୁଖରେ କବିତା ପାଠର ଭିଡିଓ କରି ଆମର ଟେଲିଗ୍ରାମ(୯୪୩୭୨୮୧୬୫୫)ରେ ପଠାଇବା ପାଇଁ ଚେଷ୍ଟା କରନ୍ତୁ । ଉକ୍ତ ଭିଡିଓରେ ଯଦି କିଛି  ତ୍ରୁଟି ଥାଏ ତାକୁ ଆପଣଙ୍କ ଅନୁମତିରେ ସମ୍ପାଦନ କରାଯିବ ।



# ଧୋକା

କାଳିପ୍ରସାଦ ମହାପାତ୍ର

କାଳ କଟିଯାଏ ଜଣାଏ ନାହିଁ ତ
ସମୟ ପଳାଇ ଯାଏ
ବିଚାର କର୍ମଟି କରିହୁଏ ନାହିଁ
ସମୟଟି ଧୋକାଦିଏ।

ସଂପତ୍ତିର ଲୋଭ ମନରେ ରଖିଲେ
ଧନ ତ ଅର୍ଜନ ହୁଏ
ବିପଦ ବେଳରେ କାମରେ ନ ଲାଗେ
ସଂପତ୍ତିଟି ଧୋକା ଦିଏ।

ଘରଦ୍ୱାର ସବୁ  ତିଆର କରିଛି
ସୁଖରେ ରହିବା ପାଇଁ
ଘରଦ୍ୱାର ଦିନେ ପର ହାତେ ଗଲା
ଧୋକାଦେଲା ସିଏ ଭାଇ।

ବନ୍ଧୁବାନ୍ଧବଙ୍କୁ  ନିଜର କରିଛି
ଆପଦେ ସହାୟ ହେବେ
ଶେଷ ସମୟରେ କେହି ତ ନଥିବେ
ସର୍ବେ ଭାଇ ଧୋକାଦେବେ।।

ଶରୀରଟି ଆମ ପଞ୍ଚତତ୍ତ୍ୱେ ଗଢା
ଅତି ନିଜରଟି ସେଇ
ଅବେଳରେ ଛାଡି ଯିବ ସିଏ ଭାଇ
ଦୁନିଆକୁ ଧୋକା ଦେଇ ।

ଜଡ ଶରୀରଟି ମାଟିରେ ମିଶଇ
ଆତ୍ମା ଛାଡିଯାଏ ତାକୁ
କେହି କାହାକୁ ଧୋକାଦିଏ ନାହିଁ
ସବୁ ଜଣା ଅଛି ତାକୁ।।

କର୍ମ କରିଚାଲ କର୍ମ ହିଁ ଆମର
ଜମାଖାତା ଅଟେ ଭାଇ
କର୍ମ ଉଣାହେଲେ ଜମାଖାତା ଶୁନ
ଧୋକା ପାଇବା ତ ଭାଇ ।

ବନ୍ଧୁଗାଁ,କୋରାପୁଟ

# ମୋକ୍ଷ ପ୍ରତୀକ୍ଷାରେ



ଉମେଶ ଚନ୍ଦ୍ର ପାତ୍ର ( ଥକାମନ )

ଆଜି ମୁଁ ଜାଣୁଛି
ତୁ' କେତେ ନିଷ୍ଠୁର
ମୋ' ମନକୁ ତୋ ଆଗେ
ଖୋଲି ଦେଲା ପରେ
ତୋ' ନୀରବତା ଆଘାତ ଦେଉଛି
ତୋ' କାଣିଚାଏ କରୁଣାର
ଅପେକ୍ଷାରେ ରାତି ଉଜାଗର ।
ତୋ' ମନ ସାଥେ ମନ ଯୋଡିବାର
ତୋ' ସାଥେ ଏକାକାର ହେବାର
ଖୋଲା ଇସ୍ତାହାର ଦେଇ
ସମ୍ପର୍କ ସେତୁର ଏପାଖେ
ଅନ୍ତଃହୀନ ପ୍ରତୀକ୍ଷାରେ
ସମୟ କାଟୁଛି
ରଙ୍ଗର ପସରା ସଜେଇ ରଖିଛି ...
ତୁ' ଜାଣିଛୁ
ବାକି ଅଛି ଅନେକ ଆଷାଢ଼
ଆତ୍ମା ସହ ପରମାତ୍ମା ମିଳନର କ୍ଷଣ
ଚିରକାଳ ବର୍ଣ୍ଣିଳ ଜୀବନ୍ତ ।

ତୋ' ପାଇଁ
ମୁଁ ଲେଖୁଛି ଜୀବନର ଗାଥା
ମୁଁ ଜାଣେ
ତୁ ଜାଣି ନ ଜାଣିବା ବାହାନା କରୁଛୁ
ମନେମନେ ହସୁଛୁ
ମୋ' ଭାଗ୍ୟ କାଗଜରେ ଟାଣି ଚାଲିଛୁ
କେତେ କ'ଣ ଏଣୁତେଣୁ ରେଖା
ସତେ କ'ଣ
ଏ ଜନମେ ହେବନାହିଁ ଦେଖା ?
ତୋ' ନୀରବତା
ମୋତେ ଅଧିକ ଟାଣୁଛି ତୋ' ଆଡ଼େ
ଭାବୁଛି ମୁଁ ପକ୍ଷୀଟିଏ ହୋଇ
ଅନ୍ଧାରର ବୁକୁ ଚିରି
ସୀମାହୀନ ସାଗରର ବକ୍ଷ ଭେଦି
ତୋ' ନାମ ନେଇ
କମ୍ପାଇ ଦେବି ଅନନ୍ତ ଆକାଶ
ଉଡ଼ିଯିବି ତୋ' ପାଖକୁ
ହୁଏତ
ଲୀନ ହୋଇଯିବି ଅନନ୍ତ ଗଗନେ
ତୋ' ନାମ ମୋ' ଅଧରେ ଥିବ
ପାଇଯିବି ମୋକ୍ଷ ।

ଛତିଆ , ଯାଜପୁର

# ମୋ' ଜନମ ଭୂଇଁ

## ବ୍ରଜେଶ୍ୱରୀ ସିଂହ

ଯେଉଁ ଦେଶରେ ଗଙ୍ଗା ବହେ
ହିମାଳୟ ଯା'ର ମୁକୁଟ ଅଟେ
ସେହି ଦେଶରେ ଜନମ ମୋର
ଭାରତ ତା'ର ନାଆଁ ।

ସେହି ଦେଶର ଓଡିଶା ଭୂଇଁ
ତା'ପରି ଆଉ ରାଜ୍ୟଟି କାହିଁ
ଯେଉଁଠି ବିଜେ ଜଗତନାଥ
ପୁରାଣ ଶାସ୍ତ୍ରେ ବଡ଼ ତୀରଥ
ସେହି ଦେଶରେ ଜନମ ମୋର
ଭାରତ ତା'ର ନାଆଁ ।

ଏହି ଦେଶର ବୀର ସୈନିକ
ରଖିଲେ ଆମ ଦେଶର ଟେକ
ସାଧୁ, ସନ୍ଥ, କବି ହୋଇଲେ ଜନ୍ମ
ତାଙ୍କରି ପାଇଁ ହୋଇଛୁ ଧନ୍ୟ
ସେହି ଦେଶରେ ଜନମ ମୋର
ଭାରତ ତା'ର ନାଆଁ ।

ଗାନ୍ଧୀ, ଗୋପବନ୍ଧୁ, ସୁବାଷ, ନେହେରୁ
ରଖିଲେ ଆମ ଦେଶର ଯଶ
ଇଂରେଜ ସହିତ ଲଢେଇ କରି
ସ୍ୱାଧୀନ କରିଲେ ଆମରି ଦେଶ
ସେହି ଦେଶରେ ଜନମ ମୋର
ଭାରତ ତା'ର ନାଆଁ ।

ଏହି ଦେଶର କଳା, କୌଶଳ
ଫଳଫୁଲ ପୁଣି ଝରଣା ଜଳ
ମୋ' ପାଇଁ ସଦା ସେ ଅତି ସୁନ୍ଦର
ବନ୍ଦନା କରିବା ତା'ର ପୟର
ସେହି ଦେଶରେ ଜନମ ମୋର
ଭାରତ ତା'ର ନାଆଁ ।

ସେହି ମୋର ପ୍ରିୟ ଜନମ ଭୂଇଁକୁ
କୋଟି କୋଟି ନମସ୍କାର
ଆମେ ଭାରତୀୟ ଜାତିରେ ଏକ
ନ କର ମନରେ ଭେଦ ବିଚାର ।

ଶିଶୁ ସାହିତିକା ତଥା ସଂପାଦିକା
" ବଉଳଫୁଲ "
ଯାଜପୁର ରୋଡ, ଯାଜପୁର

ଆମ କବିତା

# ହେଜ ଏବେ ବାଇମନ

ପ୍ରଣତି ମହାପାତ୍ର



ଏତେ ଅହଙ୍କାର ରୂପ ପାଇଁ ଯଦି
ଆଜି ଅଛି କାଲି ନାହିଁ,
ଏ ସୁନ୍ଦର ରୂପ ହୋଇବ ବିରୂପ
ଭାବିଭାବି କାନ୍ଦୁ ତୁହି ।
ଓଡିଶା ଓଡ଼ିଆ ରାଇଜ
ରୂପ ନୁହେଁ ଏଠି ସଂସ୍କାର ସଂସ୍କୃତି
ଉଚ୍ଚ କରେ ମଥା ଯହିଁ ।।

କର୍ମ ଯେ ମହାନ ପୂଜା ପାଏ  ଜ୍ଞାନ
ଗର୍ବ କିଆଁ ରଖି ଧନ,
ପୋଡ଼ିଦେବ ଅନ୍ତ ସଭିଙ୍କର ମତ
ଘେନ ବାଣୀ ଗୁରୁଜନ,
ଅଢେଇ ଦିନ ଜୀବନ
ମହତ କର୍ମରେ ହେବ ଇତିହାସ
କରୁଥିବେ ଯଶଗାନ ।

ଫକୀରମୋହନ ନଗର
ବାଲେଶ୍ୱର

# କଙ୍କାଳ ଚିତ୍କାର

ଜୟଲକ୍ଷ୍ମୀ ସେଠୀ

ଅସଂଖ୍ୟ କଙ୍କାଳ ଚିତ୍କାର କରୁଛି
ସ୍ୱାଧୀନତା ମୋତେ ଦିଅ,
ଧର୍ଷିତା ବିଳାପ କାମରେ ଜାଳୁଛି
ଭାରତର ବୀର ପୁଅ।।

ସ୍ୱାଧୀନ ଦେଶର ପରାଧିନ ନ୍ୟାୟ
ମୃତ୍ୟୁ ପରେ ସ୍ମୃତି ଜାଳେ,
ସବୁଆଡେ ଦେଖ ଦେହ ବ୍ୟବସାୟ
କାମାଗ୍ନିରେ ନାରୀ ଜଳେ।।

ଧର୍ଷିତାର ମଡ଼ା କୋଳରେ ଜକେଇ
ରାକ୍ଷସକୁ କରେ କ୍ଷମା,
ସଂସ୍କାର ବିଦାରି ପିଞ୍ଜରାକୁ ଫାଡ଼ି
ରକ୍ତମୁଖା କରେ ଚୁମା।।

କ୍ଷମାକର ନାହିଁ ମାତୃ ହୃଦୟରେ
ରାକ୍ଷସ ପଶୁକୁ କେବେ,
ବଳିଦେଇଦିଅ ବିଶ୍ୱହିତ ପାଇଁ
ଶୃଙ୍ଖଳିତ ଚାହଁ ଯେବେ।।

ଯେଉଁ ଛାତି କ୍ଷୀର ପିଇଲୁ ବାଳୁତେ
ବାଢ଼ିଲୁ ସୁରକ୍ଷା ଦେବୁ
ସେହି ଛାତି ଚିରି ରକ୍ତକୁ ପିଉଛୁ
ମାତୃଭୂମୀ ବୀର ଭାବୁ।।

କାମର ଶୋଷରେ ଦୁରାଚାରୀ ଗଣ
ପଶୁହୀନ କାମ କରି,
ପୂର୍ବ ଗୌରବ କଳଙ୍କିତ କର
ଲଜ୍ୟା ଭୁଲି ଭ୍ରଷ୍ଟାଚାରି।।

ଆଇନି ଶୋଇଛି ଫାଇଲି ଭିତରେ
ରକ୍ଷକ ଭକ୍ଷକ ସାଜେ,
ବାର ବାର ନାରୀ ଧର୍ଷିତା ହଉଛି
ବୁଦ୍ଧିଜୀବୀ ନ୍ୟାୟ ଖୋଜେ।।

ମାଆ, ଭଉଣୀର କରୁଣ କ୍ରନ୍ଦନ
ଶୁଭୁନିକି ତୋର କାନେ,
କାପୁରୁଷ ପରି ନାରୀକୁ ଖେଳଣା
ସଜାଅନା ଛଳମନେ।।

ମାଆର ରକତ ପିଇଅଛୁ ଯେବେ
ଜୀବନକୁ ବଳିଦିଅ,
ମାତୃପଣତକୁ ଶାନ୍ତିର ସୁରକ୍ଷା
ମିଶିକରି ତୋଳିଦିଅ।।

# ତୁମେ ଜାଣିନ କି

**ସୁନନ୍ଦା ମହାନ୍ତି**

ପକ୍ଷୀ ଦିଏ ପ୍ରେମ
କୂଜନର କୁହୁକ ଭିତରେ
ଗଛ ଦିଏ ଛାଇ
ମଣିଷ ଥକା ମେଣ୍ଟାଇ ମାରେ ହାଇ
ଫୁଲ ଫଳ ଖାଇ
ବଗିଚା ଦିଏ ପ୍ରେମ
ନିଜ ହାତରେ ତିଆରି
ସବୁଜିମାରେ କଡ଼ ଲେଉଟାଇ
ସକାଳୁ ଫୁଲ ଫଳ ତଟକା ତଟକା
କି ଆନନ୍ଦ ପାଇ
ସମୁଦ୍ର ପ୍ରେମ କରେ କେତେ କାରେ
ଆସନ୍ତି ଧାଇଁ
ଲହଡ଼ି ଭାଙ୍ଗି ଉଠୁଥାଏ ଜୁଆର କେବେ ଭଟ୍ଟା
ତମ ମୋ' ପାଇଁ
ବାଲି କଳା ଓଟ ଘୋଡ଼ା ବାଲିର ଶାମୁକା
କଙ୍କଡ଼ା ବି କଥାକୁହେ କବିତା ଉଦ୍ଧୁରିବା ପାଇଁ
କୋଣାର୍କ ପ୍ରେମ କରେ
ତତେ ମତେ ସେମାନଙ୍କୁ
ସ୍ମୃତି ସାଉଁଣ୍ଟାଇ, ନର୍ତ୍ତକୀ ନାଚେ ତା ଥେଇ
କୋଣାର୍କ ଗଲେ ଫେରିବାକୁ
ଇଚ୍ଛା ହୁଏନାହିଁ
ପତିତ ପାବନ ବାନା ହାତଠାରି
ଡାକୁଥାଇ ଆରେ ଭଉଣୀ ଆରେ ଭାଇ
ଓଡ଼ିଶାରେ କଣ ଅବା ନାହିଁ
ଚତୁର୍ଦ୍ଧାଙ୍କୁ ଚାହିଁଲେ କସ୍ତୁରୀ କସ୍ତୁରୀ ବାସଇ
ଏସବୁ ପ୍ରେମ ଉର୍ଦ୍ଧରେ ଆକାଶ ପା
ପ୍ରେମଦିଏ ଯୋଉଠି ବି ଥାଆ ତୁହି
ଜହ୍ନ ତାରା ବଉଦର ଲୁଚକାଳି ଖେଳେ
ଯାଏ ମୁଁ ବିଭୋର ହୋଇ
ଖାଲି ମୁଠେ ଅନ୍ନ ଲୋଡା
ପେଟ ପ୍ରେମ ପାଇଁ
ଆଶ୍ରୟ ଟିକେ ଲୋଡା
ରାତିରେ ଆଖିଏ ସ୍ୱପ୍ନ ଦେଖି
ପ୍ରେମମୟ ପୃଥିବୀରେ
ଆଉ ଦି ଘଡି ବଞ୍ଚି ଯିବା ପାଇଁ।

**ସାକ୍ଷୀଗୋପାଳ, ପୁରୀ**

# ଅନ୍ଧାର

## ଆଲୋକ କୁମାର ପ୍ରଧାନ

ଅନ୍ଧାରର ଆରପାଖ ସୁନ୍ଦର କି ଅନ୍ଧକାର ବିନା
ଆରପାଖ ଅନ୍ଧାରରେ ଚେଇଁଗଲେ ମନ୍ମୟ ଭାବନା
ଅନ୍ଧାରର ଛାତିଚିରି ଚରିଗଲେ ଚେନାଏ ଆଲୁଅ
ଭୋଗିବା ଭିଡ଼ରେ ଆଗେ ଅନ୍ଧାର ତ ଖାଲି ଦେହମୟ।।

କୋଉ ଅନ୍ଧକାର ଦେହେ ଲେଖିହୁଏ ଆଲୁଅର କଥା
କୋଉ ଅନ୍ଧକାର ଦେହେ ଆଲୁଅଟେ କବିତା କବିତା
ଅନ୍ଧାର ଖୋଦେଇକରା ଖମାରଟେ ଆଲୁଅ ଧାରାର
ଯେଉଁଠି ଖିଆଲ ଖେଳେ ଖଡିରଙ୍ଗେ ଆଲୁଅ ଦି ଧାର।।

ଆରପାଖ ଆଲୁଅଟା ଲୁଚିଗଲେ ଅନ୍ଧାର ଛାତିରେ
ଅନ୍ଧାର କି ଲେଖିବସେ ସ୍ୱପ୍ନ ସବୁ ପାହାନ୍ତି ଆଖିରେ
ଅନ୍ଧାର ବିନା ଆଲୁଅ କାଇଁ ହୁଏ ପାହାନ୍ତିଆ ନିଦ
ଆଲୁଅ ବିନା ଅନ୍ଧାର ଲାଗେ ଖାଲି ଗଦାଏ ବାରୁଦ।।

ଅନ୍ଧାର ମୋକ୍ଷର ଦ୍ୱାର ଅନ୍ଧାର ବି ଟିପେ ଅବସୋସ
ଅନନ୍ତ ଅନ୍ଧାର ଦେହେ ଆଲୁଅ ବି ପାଏ ଜୀବନ୍ୟାସ।

ଅମୃତାଂଶୁ,ବାଲିଗୁଆଆଳି, ପୁରୀ



# ବଂଶୀସ୍ୱନ

**ଆଶୁତୋଷ ମେହେର**

ଆଉ ଥରେ ଶୁଣନ୍ତି କି, ତୁମ ବଂଶୀ ସ୍ୱନ
ପ୍ରେମ ଧନେ ଭରିଯାନ୍ତା, ମୋ' ହୃଦ କାନନ,
ଭକ୍ତିଭାବେ ରସସିକ୍ତ, ଦେହ ଭାବ ମନ
ଶିହରଣେ ପୁଲକିତ,ଏ ଜୀବନ ବନ ।।

ସେଇ ସୁରେ ବାୟାଣୀ ତ ହେଲା ରାଧା ରାଇ
କୁଞ୍ଜବନେ କଳାକାହ୍ନୁ, ମନ ହାଇଁପାଇଁ,
ଦହିହାଣ୍ଡି ଖାଲି ହେଲା, ଗୋପୀ ହେଲେ ବାଇ
ସେ କେଉଁ ନାଗର କାମ, ଦେଖା ମିଳେ ନାହିଁ।।

ଦେବକୀ ମାଁ କାରାଗାରେ, ଲୁହ ଲହୁ ବାସ
ଯଶୋଦାର ରଙ୍କନିଧି, କୋଟି ପ୍ରାଣ ଆଶ,
ରୁକ୍ମିଣୀଙ୍କ ଗଳାମାଳି, ରାଧିକା ବିଳାସ
ମୟୁର ଚୂଳିଆ ଧନ, ଗୋପୀ ବାମା ଶ୍ୱାସ ।।

ତୁମ ସୁରେ ରହୁ ମତି, ଆହେ ବଂଶୀଧାରୀ
ବଂଶୀସ୍ୱନ ନେଉ ଭିଡି, ଜୀବନ ଉଦ୍ଧାରି ।।

**୫୪ ଆର୍ଯ୍ୟପଲ୍ଲୀ**
**କିଟଛକ, ପଟିଆ, ଭୁବନେଶ୍ୱର**



# ଜୀବନ ପଥ

ସୌମ୍ୟଶ୍ରୀ ପଣ୍ଡା

ଜୀବନର ପଥ କେତେ ସଙ୍କୁଚିତ ଅବା କେତେ ପ୍ରଲମ୍ବିତ
ତିମିରିତ ହେଉ ଅବା ବିଭାଷିତ ଚାଲିବା ନହୋଇ କ୍ଲାନ୍ତ
ଚାଲିପାରେ ଯିଏ କଣ୍ଟକିତ ପଥେ ପାଦରୁ ଝରାଇ ରକ୍ତ
ବିଜୟ କେତନ ଉଡାଇପାରେ ସେ କର୍ମେ ହୋଇ ଜୟଯୁକ୍ତ ।।

ସୁଖଦୁଃଖ ପରା ଜୀବନ ପଥର ଦୁଇ ସମାନ୍ତର ପାର୍ଶ୍ୱ
ଦୁଃଖର ବୟସ ହେଲେ ବିସ୍ତାରିତ ସୁଖ ପାଇଁ ବଢେ ଶୋଷ
କେବେ ଚଲାବାଟେ ଖୁସିର ମେଳଣ କେବେ ପୁଣି ଲୁହ ଛିଟା
ଦୁଃଖ ବିନା କିବା ଚିରୁଡ଼ାଏ ସୁଖ ହୋଇପାରିବ କି ମିଠା ।।

ପଥ ଅସରନ୍ତି ଯିବା ନାହିଁ ଥକି ଚାଲିବା ପାନ୍ଥ ସାଜି
ନିପୀଡ଼ିତ ପ୍ରାଣେ ବୁଣିଦେବା ଆମେ ଅୟୁତ ସ୍ୱପ୍ନର ମଞ୍ଜି
ହର୍ଷ ଆଲୋକର ହେବ ବିଚ୍ଛୁରଣ ନିରାଶାର ହେଲେ ଇତି
ଜୀବନର ପଥ ଝଲସି ଉଠିବ ସ୍ୱପ୍ନ ହେଲେ ଫଳବତୀ ।।

କିଏ ବା କଳିବ ପଥର ବୟସ କେଉଁଠି ସେ ଜୀବ ସରି
ବେଳ ଥାଉଥାଉ ଖୋଜିବା ଠିକଣା ବାଟର ହାତକୁ ଧରି ।

ପ୍ରଧାନ ଶିକ୍ଷୟିତ୍ରୀ (ଓଡିଶା ଶିକ୍ଷା ସେବା)
ନରସିଂହପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଜି- କଟକ

ଆମ କବିତା



# ଅଭିମାନୀ ଫଗୁଣ

ବିନୟ ମିଶ୍ର

ତୁମ ସାଥେ ଯେବେ ମନ ଯୋଡ଼ି ହେଲା,
କହିଦେଲି ଫଗୁଣକୁ,
ତୋ'ର ରଙ୍ଗ ମୋର ଲୋଡା ନାହିଁ ଆଉ,
ପାଇଛି ଇନ୍ଦ୍ରଧନୁକୁ ।

ଅଭିମାନ କରି ଫଗୁଣ ଯେ ଗଲା,
ଖୋଜିନି ମୁଁ ଆଉ ଦିନେ,
ସାତରଙ୍ଗେ ସଖି ଭରିଛ ଜୀବନ
ଅନ୍ୟ କିଛି ନାହିଁ ମାନେ ।

ଫେରି ଆସିଲାଣି ପୁଣି ସେ ଫଗୁଣ
ଅଭିମାନ ଦୂରେ ରଖି,
ମୃଦୁ ମଳୟ ଯେ ଲାଜେଲାଜେ ପୁଣି
ଦେଖେ ମୋ' ସଖିର ଛବି ।

ପ୍ରୀତିର ସାନିଧ ପାଇ ସେ ଫଗୁଣ
କହିବ ତା' କାନେ କିଛି,
ଏତେ ଅନୁରାଗ କେଉଁ ସଖା ତୋ'ର
ସାଇତି ଆଜି ରଖିଛି ।

ଭୁବନେଶ୍ୱର



# ଆବର୍ତ୍ତ

**ଶୈଳେନ୍ଦ୍ର ନାରାୟଣ ବେହେରା**

ଦିନେ ସେ ଘୁଞ୍ଚିଗଲା ଏକ ଅସମାପିକା
ଆବର୍ତ୍ତ ଭିତରକୁ
ଓଗାଳି ଦେଲା ରାସ୍ତା ତା'ର ସମ୍ଭାବନା-
ଭରା ଯୌବନକୁ।

ସତ୍ୟ ଶିବ ସୁନ୍ଦରର ପରିବେଷ୍ଟନୀ
ଚଞ୍ଚଳତାର ମଧୁର ଓଳିକି
ସବୁ ଯେମିତି ଏକ ଏକ ଗ୍ୟାସ୍ ଲାଇଟ୍
ଆଲୋକର ସତ୍ତା ନାହିଁ କି?

କିନ୍ତୁ ଏ ମଧୁର ମୁହୂର୍ତ୍ତରେ ଚମ୍ପାଫୁଲର
ମହମହ ବାସ୍ନା ଉଦ୍‌ବେଳିତ କରୁକରୁ
ବନ୍ଧାପଡ଼େ କାହାର ଆଶ୍ଳେଷରେ
ଦୁନିଆଟା ଓଲଟି ପଡେ ସ୍ୱର୍ଶର କାତରତାରେ।

ଭୁବନେଶ୍ୱର

# ଆଖିରେ ଆଖିରେ ତୁ ସବୁର ସାକ୍ଷୀ



**ମାଳବିକା ମିଶ୍ର**

ତୁମେ ପରା ମୋର ଆଖିର କଜ୍ଜଳ
ଆଖି ଧାରେ ଧାରେ ଲାଗି ରୁହ।
ଆଖି ମୁଜି ଦେଲେ କେତେ ଯେ ସପନ,
ସାଥି ହୋଇ ତୁମେ ଦେଖାଇ ଥାଅ।

ଆଖିରେ ଆଖିରେ କଥା କୁହ ତୁମେ
ଆଖି ଦେଖି ଦେଲେ ବୁଝିଯାଅ
ଛଳଛଳ ମୋର ହୃଦୟ ବେଦନା
ଆଖି ଦେଖି ତୁମେ ବୁଝିଯାଅ।

ଢଳଢଳ ମୋର ନୟନର ଜଳ
କଳକଳ ହୁଏ ବହିବା ପାଇଁ,
ଆଖିରେ ଆଖିରେ ରହିଯାଇଥାଏ
ମନ କଥା ଟିକେ କହିବା ପାଇଁ।

ମନ କଥାଟିକୁ ଜାଣିବାକୁ ହେଲେ
ଆଖିକୁ ଆଖିରେ ମିଶାଇ ରଖ ।
ହୃଦୟ କୋହକୁ ଶୁଣିବାକୁ ହେଲେ,
ମିଛ ହସଟିକୁ ନିତି ପରଖ।

ବୁଝିବାକୁ ଆଉ ବାକି ନାହିଁ କିଛି,
ଯାହା ରଖିଦେଲ ଓଠ ତଳେ ଚାପି
ମନ କଥା ତୁମ ଆଖି କହିଥାଏ
ତୁମ ଅନ୍ତରକୁ ମାପି।

ଆଖିରେ ଆଖିରେ କହୁଚ କଥା,
ଛୁଇଁବନି ମୁଁ ଯେ ସରମି ଲତା।
ତୁମେ ପାଶେଥିଲେ ବୈକୁଣ୍ଠ ପ୍ରାପ୍ତି,
ପାଶେ ନରହିଲେ ନପାହେ ରାତି।

**ଜାଦୁଗୁଡା କଲୋନୀ
ଜାମସେଦପୁର**

# ଶ୍ରାବଣ



**ଅଞ୍ଜଳି ଦାସ**

ଶ୍ରାବଣ ସକାଳ ଫୁଲଟିଏ ମୁଁ ଯେ
କେଉଁ ପଥେ ଅବା ଯିବି
ଜୀବନ ସକାଳେ ବାଦଲର ଛାଇ
ହସ ମୋ' ଯାଇଛି ଲିଭି ।

ଶ୍ରାବଣ ବେଳାର କଣିକାଏ ବାଲି
ଭାସିଯାଏ ଧିରେ ଧିରେ
ଅଭୁଲା ଅତୀତ ରହିଗଲା ପଛେ
କାହିଁ ସିନା କେତେ ଦୂରେ ।

ଶ୍ରାବଣ ସଞ୍ଜର ପୁନେଇ ଜହ୍ନ ମୁଁ
ଅନ୍ଧକାରେ ଯାଏ ହଜି
ଝଡ଼ ବତାସର ଅନ୍ଧାରି ମୂଳକେ
ଠିକଣା ପାଏନା ଖୋଜି ।

ଶ୍ରାବଣ ରାତିର କଇଁଟିଏ ମୁଁ ଯେ
ଖୋଜି ହୁଏ ସଦା ଜହ୍ନ
ସାତତାଳ ପାଣି ମଝିରେ ଥାଇ ବି
ହସୁଥାଏ ପରା ମନ ।

**ପାଟଳଦା, ଅସ୍ତରଙ୍ଗ, ପୁରୀ**

# ଅଭୁଲା ସେ ସ୍ମୃତି ନଦୀତୀରେ



ସୁମିତା ବେହେରା ବାପି

ମନକୋଣେ କେହିଜଣେ କିଆଁ
ଆନମନା ପ୍ରତିକ୍ଷଣ କରେ,
ଚାଙ୍ଗୁଡ଼ିରେ ସଜଫୁଲ ଭରି
ପ୍ରତୀକ୍ଷାରେ କେତେ ସତେ ଝୁରେ ,
ଆହା... ଆଜି ଏମିତି ବତୁରେ
ଅଭୁଲା ସେ ସ୍ମୃତିନଦୀତୀରେ...

ପ୍ରତୀକ୍ଷାର ଫୁଲବନ ପରେ
କିଏ ସିଏ ଗୋପନେ ଅଧୀରେ,
ଚୁମିଦେଇ ମହୁଲି ଅଧର
ଅଜାଣତେ ମନ ଚୋରିକରେ;
ଆହା...ମରମେ ସରମେ ମରେ
ଅଭୁଲା ସେ ସ୍ମୃତିନଦୀତୀରେ...

ଭୁବନେଶ୍ୱର



# ଲୁହ

**ବାସନ୍ତୀ ଦାସ**

ତତେ ଆପଣେଇଚି ବୋଲି ତ
ଏ ଯାବତ୍ ବଞ୍ଚିଛି
ମଣିଷ ପରି ମଣିଷଟିଏ ହୋଇ
ମାଟିର କୋଳରେ ।

ତୋ' ମୋହରେ ଭିଜିଛି ବୋଲି ତ
ଚେନାଏ ପଣତ କି
ନିଟୋଳ ହାତର ପାପୁଲିଟିଏ
ବେଳେବେଳେ ଲମ୍ବିଆସେ
ମୋ' ବତୁରା ମୁହଁ ପାଖକୁ
ଆପଣା ଇଛାରେ ।

ତୁ ଅଛୁ ବୋଲିତ
ମୁଁ ଜୀଇଁବା ଶିଖିଛି
ମାଟି କାମୁଡି ପଡିଛି ଧରାରେ
ଲୁଣି ସାଗରକୁ ଅମୃତମଣି;
ଆଉ...ସାତ ଶତ୍ରୁକୁ ନିଜର ମଣି
ପ୍ରତି ପାଦରେ ଶିକୁଳି ବାନ୍ଧି
ନୃତ୍ୟ କରୁଛି ସଖୀଟିଏ ପରି ।

ତୋ' ପାଇଁ ମୋ' ଜୀବନ
ମହାର୍ଘ ହୋଇଛି
ତୋ' ପାଇଁ ମୋ' ସ୍ୱପ୍ନରେ
ସତ୍ୟତାକୁ ସାଉଁଟି
ଚାଲିଛି ଆଗକୁ ଆହୁରି ଆଗକୁ
ଶେଷ ପଥ ଅନୁସରି ତୋରି ଇଛାରେ ।

**ସଂପାଦିକା -ଶିଳାଶ୍ରୀ**
**ଭୀମଟାଙ୍ଗୀ -୧, ଭୁବନେଶ୍ୱର**



# ଆହେ ଚକାଆଖି

**ଡ. ମାଙ୍ଗଳିକା ମହାପାତ୍ର**

ଆହେ ଚକାଆଖି ଚକାଡୋଳା
ଦେଖୁଛୁ ବସି କେତେ ତୁ ଲୀଳା
ଭକ୍ତ ଜନ ଭରା ତୋ' ସଂସାରେ
ହେଉଛନ୍ତି ଯେତେ ମେଳାମେଳା

ଏତେ ସାରା ଭକ୍ତ ଦେଖି
ହସୁ ମୁରୁକି ମୁରୁକି...
ଅସଲ ଭକ୍ତ ପରଖି
ଫଳ ଦେଉ ତୁ ହସିକି...

ତୋ' ଠାରେ ଯେ ମନପ୍ରାଣ
ନିର୍ଭୟେ କଲା ଅର୍ପଣ...
ବିପଦ ପଡ଼ିଲେ ତାର
ଦେଉ ତୁ ଅଭୟ ଦାନ...

ଅଛୁ ବୋଲି ତୁ ପୁରୀରେ
ସବୁ ହେଜନ୍ତି ମନରେ...
ଜଗା ଥାଉ ସର୍ବ ଘଟେ
ଆତ୍ମା ମିଶୁ ତୋ ଦେହରେ...

**ରେଭେନସା ବିଶ୍ୱବିଦ୍ୟାଳୟ, କଟକ**

# ଦୁଇଟି ହୃଦୟର କଥା

ସନ୍ତୋଷ ପଟ୍ଟନାୟକ



ଝିପିଝିପି ମେଘ ସଅଳ ସଂଜରେ
କହେ ଯେବେ ତୁମ ବାରତା
ପଣତ ମୋହର ଓଦା ହୋଇଯାଏ
ଲିଭି ଆସେ ସଂଜ ସଳିତା ।

ବରଷା ସଂଜରେ କ୍ଳାନ୍ତ ଶରୀରେ
ଅବସନ୍ନ ମନ ନେଇ
ଶୁଣି ପାରେ ନାହିଁ ତୁମରି ବାରତା
ଆଖି ପତା ଆସେ ନଇଁ ।

ସପନେ ଦେଖଇ ପିଞ୍ଜରା ନିବଦ୍ଧ
ପକ୍ଷୀଟିଏ ପରି ହୋଇ
ବସିଛ ମଉନେ ଅସୁମାରି କ୍ଳାନ୍ତି
ଡେଣାରେ ଯାଇଛି ଛାଇ ।

ସଂସାର ଜ୍ୱାଳା ରେ ଜଳୁଛି ନିତି ମୁଁ
ଅଭାବ ଅନାଟନର
କଳାମେଘ ମୋର ଜୀବନ ଆକାଶେ
ଦେଖାଦିଏ ବାରମ୍ବାର ।

ପିଞ୍ଜରା ନିବଦ୍ଧ ପକ୍ଷୀ ସତ ପ୍ରିୟ
ପିଞ୍ଜରା ଦେଲେ ବି ଖୋଲି
ଅସୁମାରି କ୍ଳାନ୍ତି ଭରିଛି ଡେଣାରେ
ଆଉକି ପାରିବି ମେଲି ।

ଭୁବନେଶ୍ୱର

—— ❦ ——

# କବିତା ଗୋ ତୁମେ....

ରୀକ୍ଷିରାମ ମେହେର

କବିତା ଗୋ ତୁମେ....
ମଧୁକରର ଗଢିଥିବା ମିଠା ମହୁ,
କେବେ ପୁଣି ତୁମେ ଭଗ୍ନ କୋଣାର୍କର
ତ୍ୟାଗଭରା ସ୍ମୃତି ଲହୁ।

କବିତା ଗୋ ତୁମେ....
ମଧୁମାସର କୋଇଲିର କୁହୁ ତାନ
କେବେ ପୁଣି ତୁମେ, ଅବ୍ୟକ୍ତ କୋହର
ଆତ୍ମାହୁତି-ବଳିଦାନ।

କବିତା ଗୋ ତୁମେ...
ପ୍ରକୃତି ରାଣୀର ଚାରୁ-ଶୋଭା ଚିତ୍ରକର
କେବେ ପୁଣି ତୁମେ ସାଜ ସମାଜର
ବାର୍ତ୍ତାବହ ମୁକ୍ତିଧାର।

କବିତା ଗୋ ତୁମେ...
କଳୁଷିତ ଯେତେ କଳଙ୍କର କଳାଦାଗ,
କେବେ ପୁଣି ତୁମେ ସାଜ ବିଭୀଷିକା
ବିଦ୍ରୋହ ଭାବର ସ୍ୱର।

କବିତା ଗୋ ତୁମେ...
ଜନ ସମୁଦ୍ରର ସପନର ତଟ ଦେଶ
କେବେ ପୁଣି ତୁମେ ମଶାଣି ଭୁଇଁର
ଅର୍ଦ୍ଧ ଦହନ ପାଉଁଶ ...

# ତୁଚ୍ଛ ରାଜନୀତି

ଶୁଣ ଶୁଦ୍ଧିଜନେ ଭଉଣୀ ଭାଇ
ବୁଝେଇ କହୁଛି ଗୀତରେ ଗାଇ।
ଶୁଣ ଶୁଦ୍ଧିଜନେ ଭଉଣୀ ଭାଇ ...... ||୧||

ତୁଚ୍ଛ ରାଜନୀତି ଆସିଛି ଭାଇ
ଦୟା ଧର୍ମ ବୋଲି ଟିକିଏ ନାହିଁ
ଜନତାଙ୍କୁ ଲୁଟି ଖାଇବେଟି ବଟି
ପ୍ରତିଶ୍ରୁତି ଯେତେ ମିଛରେ ଦେଇ......||୨||

ମିଠା ମିଠା କଥା କାନେ ଶୁଣେଇ
ଜନତାଙ୍କମନ ନେବେ ଲୋଭେଇ
ଜିତିଗଲେ ସିଏ ଆଉକି ଆସିବେ
ଗାଦିରେ ବସିବେ ମନ୍ତ୍ରୀ ଯେ ହୋଇ.....||୩||

ନେତା ମନ୍ତ୍ରୀ ଠାରୁ ଅଫିସର ବି
ଶୋଷିବେ ସଭିଏଁ ଏକତ୍ର ହୋଇ
ଟଙ୍କା ନ ଗଣିଲେ କାମ ନ ହୋଇବ
ଗଣ୍ଠି କରିଥା ତୁ ମୋ କଥା ଭାଇ.......||୪||

ଭୋଅଟ କରିବୁ ତୁ ଭାବି ଚିନ୍ତି
ସମାଜ ସେବୀକୁ ଆଖିରେ ଦେଖି
ନିସ୍ୱାର୍ଥ ମନେ ମତ ଦାନ କରି
ଯୋଗ୍ୟ ପ୍ରାର୍ଥୀକୁ ତୁ ଦେଏ ଜିତେଇ....||୫||

ସାନପୋଡ଼ାଗୁଡା, କୋକସରା, କଳାହାଣ୍ଡି

# ମୁଁ ଠିକ୍ ଦେଖୁଛି

ନିକୁଞ୍ଜ କୁମାର ଘୋଷ

ଦେଖୁଛି ...........
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ନିମ୍ବ କହେ ମୋ' ପତ୍ର ମିଠା ଲାଗୁଛି
ଡାଳଚିନି କାଠ କାମରେ ମୁଁ ଲାଗୁଛି
ଚୌରା ମଝିରେ ଶୋଭା ତ ପାଉଛି
ବିଲେଇ ପରି ସେ କ୍ଷୀର ପିଉଛି
..........ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଦେଖୁଛି............
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ଗାଈ ବାଛୁରୀଠୁ କ୍ଷୀର ପିଉଛି
ବୋଲାଏ ଜଗତକୁ ମୁଁ ପାଳୁଛି
ଗୋବର ମୋ' ଚନ୍ଦନ କାମରେ ଲାଗୁଛି
ବିଲେଇ ପରି ସେ କ୍ଷୀର ପିଉଛି
..........ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଦେଖୁଛି..........
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ବାରୁଦର ହାତ ରୁଦ୍ରାକ୍ଷ ଗଣୁଛି
ଭୁଲ ଶାସନରେ ନିରୀହକୁ ବଳି ଦେଉଛି
ଦୁର୍ନୀତି କହି ବାମ ହାତ ଠାର ଦେଉଛି
ବିଲେଇ ପରି ସେ କ୍ଷୀର ପିଉଛି
.........ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଦେଖୁଛି............
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ଅଶ୍ରୁଭରା କିଶୋରୀ ପିଠି ଆଉଁସି ଦେଉଛି
ଫଟା ଶାଢୀକୁ ତା' ଢାଙ୍କି ଦେଉଛି
ଶୋଷକ ହୋଇ କଟା ଘା'ରେ ପଟି ବାନ୍ଧୁଛି
ବିଲେଇ ପରି ସେ କ୍ଷୀର ପିଉଛି
.........ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...

ଆମ କବିତା

ଦେଖୁଛି.............
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ରାଜନୀତିରେ ମୁରୁଖଙ୍କ ଭିଡ ଲାଗିଛି
ସଭିଙ୍କୁ ନିଜେ ନେତା ବୋଲାଉଛି
ଦାତା ନାମେ ନିଆ ଚାଲିଛି
ବିଲେଇ ପରି ସେ କ୍ଷୀର ପିଉଛି
..........ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଦେଖୁଛି..........
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ଚିଙ୍ଗୁଡି କହେ ରକ୍ତ ମୋ' ତାତି ଯାଉଛି
ଗାଡିଆ ନୁହେଁ ଉଆସରେ ମୁଁ ରହୁଛି
ଭାକୁଡ଼ର ସାଥେ ସମୁଦୀ କରିଛି
ବିଲେଇ ପରି ସେ କ୍ଷୀର ପିଉଛି
..........ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଦେଖୁଛି.............
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ଗ୍ରାମ ସୁକରୀ ବି ଗାଈ ବୋଲାଉଛି
ତା' କ୍ଷୀର ଜଗତେ ଜୀବନ ଧରିଛି
କସ୍ତୁରୀ ମୃଗ ପରି ତା' ଦେହ ବାସୁଛି
ବିଲେଇ ପରି ସେ କ୍ଷୀର ପିଉଛି
.........ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଦେଖୁଛି..........
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ମଧୁମକ୍ଷି ବସି କାନ୍ଦୁଛି
ଫୁଲରୁ ଗରଳ ବହୁଛି
ଝଡା ଫୁଲ ଉପରକୁ ଉଠି ଯାଉଛି
ବିଲେଇ ପରି ସେ କ୍ଷୀର ପିଉଛି
.........ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

**ସା-ମାଧବପୁର ,ପୋ-ଲକ୍ଷ୍ମଣନାଥ, ଥାନା-ଜଳେଶ୍ୱର,**
**ଜିଲ୍ଲା-ବାଲେଶ୍ୱର, ଓଡିଶା**



# ଆଉ କେତେକାଳ ???

**ଚନ୍ଦ୍ରପ୍ରକାଶ ପାତ୍ର**

ତୋ'ର ମୋ'ର କିବା ଯେ ସମ୍ପର୍କ??
ନ ଭାବିଲେ କିଛି ନାହିଁ!
ଭାବିଦେଲେ ଲାଗେ କିନ୍ତୁ ଅନନ୍ତ କାଳର !!
ଆଉ ତୋ' ସହ ...
କି ସଂଜ୍ଞାରେ.. କି ନାମରେ
କି ଡୋରରେ ବନ୍ଧା ମୁଁ ଯେ ସତେ..
ଏବେ ବି ଅଜ୍ଞାତ !!

ସବୁବେଳେ ଆଙ୍ଗୁଳି ଫାଙ୍କରେ
ପାପୁଲି ମୋ' ଶୂନ୍ୟ କରି
ନିର୍ବିକାର ଭାବେ କେଡେ ବେଗି ଖସିଯାଉ ବାଲି ପରି...
ତେବେ ଏବେ ବି କି ନିଦ ମୋ' ଭାଙ୍ଗିନି ?
ଆଶା କି ତୁଟିନି ?
ସ୍ୱପ୍ନ କି ସରିନି ??

ରଖି ବି ପାରୁନି!
ଛାଡି ବି ପାରୁନି !
ହେଲେ ଛାଇ ପରେ କିବା ଯେ ଭରସା ?
ଇଚ୍ଛାପରି ...
କେବେ ଛୋଟ: କେବେ ବଡ଼
ଆଉ ଏବେ ଏଠି..! କେବେ ପୁଣି ସେଠି !!

କିନ୍ତୁ କେତେଦିନ ଏଇମିତି ଶ୍ରାବଣରେ ଭିଜୁଥିବି
ବସନ୍ତରେ ହଜୁଥିବି
ଫଗୁଣର ଉଲ୍ଲାସରେ ହେଉଥିବି ଉଲ୍ଲସିତ
ପୁଣି ଗ୍ରୀଷ୍ମର ଦାବାନଳେ ହେଉଥିବି ଦଗ୍ଧିଭୂତ ??

କେତେଦିନ ଏଇମିତି ଆସୁଥିବୁ: ଯାଉଥିବୁ
ଛୁଁଉଥିବୁ..ଫିଙ୍ଗୁଥିବୁ...ଦେଖୁଥିବୁ
ଅନେଇଥିବି ମୁଁ ସେମିତି
ମେଷ ଶାବକର ନିରୀହ ଚାହାଣୀ ନେଇ
ତୋ' ଚାହାଣୀରେ ଚାହାଣୀ ମିଶାଇ
ସତେ କହ ଆଉ କେତେ କାଳ !
ଆଉ କେତେକାଳ ଯାଏଁ ????

ଭୁବନେଶ୍ୱର



# ତୁମ ନୂଆ ଶାଢ଼ୀ ପିନ୍ଧା

**ଦିବାକର ନାୟକ**

ନୂଆ ନୂଆ ତୁମ ନୂଆ ଶାଢି ପିନ୍ଧା
ତୁମକୁ ଯେତିକି ଅଡୁଆ
ନୂଆ ନୂଆ ତୁମ ଅଦେଖା ଇଲାକା
ଦେଖି ଲାଗୁଥିଲା ବଢିଆ (୦)

ଶିଉଳିରେ ପାଦ ଖସିଗଲା ପରି
ଖସି ପଡୁଥାଏ ଶାଢ଼ି
ଜଳ ଭଉଁରୀ ତୋ' କୁଆଁରୀ ନାହିକୁ
ଦେହେ ଯଉବନ ବଢ଼ି

ମୋ' ମନ ନଉକା ଟଳମଳ
ଚାହାଣି ତୁମର ଢଳଢଳ

ନୂଆ ନୂଆ ପଦ୍ମ ତୋଳୁ ତୋଳୁ କାତ
ପାଇବ କି ସୁନା ଫରୁଆ..
ନୂଆ ନୂଆ ତୁମ ନୂଆ ଶାଢ଼ି ପିନ୍ଧା
ତୁମକୁ ଯେତିକି ଅଡୁଆ (୧)

ଜହ୍ନକୁ କଳଙ୍କ ସୁନ୍ଦର ପରିକା
ସୁନ୍ଦରୀକୁ କଳାଜାଇ
ଦେହର କୋଣରୁ କୋଣାରକ ଯାଏ
ଶାଢ଼ି ଯାଏ ସବୁ ଛୁଇଁ

ଭସା ମେଘ ତୁମ ନୀଳ ଶାଢ଼ି
ପ୍ରୀତିର ପବନେ ଯାଏ ଉଡ଼ି

ନୂଆ ନୂଆ ତୁମ ଅଲାଜୁକି ଲାଜ
କରିଦେଲା ମୋତେ କମିଆଁ..
ନୂଆ ନୂଆ ତୁମ ନୂଆ ଶାଢି ପିନ୍ଧା
ତୁମକୁ ଯେତିକି ଅଡୁଆ (୨)

ପାଟପୁର, କନିସି, ଗୋଳନ୍ଥରା, ଗଞ୍ଜାମ

# ତୁମ କଥା ଭାବିବାକୁ....

ବିନୟ କୁମାର ଦାସ

ତୁମ କଥା ଭାବିବାକୁ ମୋତେ ଭାରି ଭଲ  ଲାଗେ
ଶିହରିତ ହୁଏ ତନୁ  ମନରେ ପୁଲକ ଜାଗେ
ନ ଭାବିଲେ ତୁମ କଥା ମୋ' ସୁଖ ସଉଧ ଭାଙ୍ଗେ ।।
ତୁମ କଥା ଭାବିବାକୁ...

ଆଜି ମନେ ପଡ଼େ ନାହିଁ ଆମର ପ୍ରଥମ ଦେଖା
ସତେ କି ସେ ପ୍ରତିକ୍ଷଣ ପୂରାତନ ଶିଳାଲେଖା
ହୁଏତ ସାଇତା ରତ୍ନ କେଉଁ ଏକ ଭିନ୍ନ ଯୁଗେ ॥
ତୁମ କଥା ଭାବିବାକୁ...

ମୋ ମନ ବନରେ ତୁମେ ନାଚ ମୟୁରୀଟେ ହୋଇ
ତୁମ ପୁଚ୍ଛ ବର୍ଣ୍ଣବିଭା ମୋ' ଗ୍ଲାନିକୁ ନିଏ ଧୋଇ
ଗାଉଥାଅ ମିଠାଗୀତି କେବେ ବି ପଞ୍ଚମ ରାଗେ
ତୁମ କଥା ଭାବିବାକୁ...

କେବେ ସ୍ନିଗ୍ଧ ଜହ୍ନରାତି
କେବେ ପୁଣି ନୀଳ ବହ୍ନି
କେତେବେଳେ କେଉଁ ରୂପ
ତୁମକୁ ପାରେନି ଚିହ୍ନି
ଶୂନ୍ୟ ବୋକ ସ୍ୱପ୍ନ ଭୋକ ବହୁତ ଦେଇଛ ସଖୀ
ସରାଗେ ସରଗ ଭିଖ ଆଜି ବିକଳରେ ମାଗେ...
ତୁମ କଥା ଭାବିବାକୁ......ମୋତେ ଭାରି ଭଲ ଲାଗେ ।

ବାଲେଶ୍ୱର

# ବିଭ୍ରମ - ବିଳାସ



## ସ୍ୱପନ କୁମାର ଘୋଷ

ପୁଣି ଯେବେ ଆସିବି ଏଠାକୁ
ତମେ ତ ନ ଥାଇକି ବି ଥିବ .....

ଏଇ ବାଟ ଧରି ଯେବେ ଚାଲୁଥିବି,
ମନକୁ ଆସିବ --
ଛାୟାପରି ଏ କାୟା ସହିତ ....
ଥିଲ ତମେ ......।

ଯାଉ ଯାଉ ସହସା ବିଭ୍ରମ.....
ଯେମିତିକି ତମେ ଅଛ
ସେହି ବାଆଁ ପଟେ ......
ବାମା !
ମୁହଁକୁ ଫେରେଇ ଯଦି ନ ଚାହିଁବାକୁ
ଯତ୍ନ କରୁଥିବି ,
ପୁରସ୍କାର ମିଳିବ ତ ଏମିତି ବିଭ୍ରମ
....ଥର ପରେ ଆଉ ଥରଟିଏ ......

ଶ୍ରୀଦେହର ସ୍ନିଗ୍ଧ ବାସ ......
ଚୂର୍ଣ୍ଣକୁନ୍ତଳର ସ୍ପର୍ଶ.......
ପବନବେଗରେ
ଉଡୁଥିବା ପଣନ୍ତର ମାୟାଦୃଶ୍ୟ.....
କଙ୍କଣ-ଚୁଡ଼ିର ମଧୁବୋଲ ....
ଏ ସବୁ ମିଶିକି......
ତମେ ଅଛ, ତମେ ଅଛ,
ନୁହେଁ ମୁଁ ଏକାକୀ,
ହଜିନି ସେ ସବୁ ଦିନ,
ଅଛି.....ଅଛି..... ଅଛି.....

ସେଇ ଭଲ ! ଚାହିଁବିନି ।
ଚାହିଁଲେ ତ ତୁଟି ଯିବ ଭ୍ରମ !
ଶୂନ୍ୟ ବର୍ମ....
କେହି ନାହିଁ.......
ସହି ହେବ ନାହିଁ,
ଏ ନିଷ୍ଠୁର ବାସ୍ତବତା ।
ଦୁର୍ବଳ ମୁଁ ମୂଳେ ।
ପ୍ରାପ୍ତି ନ ମିଳେ ଯଦି, ଛଦ୍ମପ୍ରାପ୍ତି ମିଳୁ.....
ସ୍ୱର୍ଣ୍ଣସୀତା ବାମପାର୍ଶ୍ୱେ
ଯଜ୍ଞବେଦୀ ପରେ ।।

୫୩, ଶ୍ରୀବର୍ଦ୍ଧନପଲ୍ଲୀ, ଜୋକା (ବାଖରାହାଟ ରୋଡ), କୋଲକାତା



# ପ୍ରିୟା

ପ୍ରଜ୍ଞା ମହାନ୍ତି

ପଦ୍ମପୋଖରୀ ଦଳ
ପାଣି ତହିଁରେ ଅଥଳ ଥଳ
ତୁଠ ପଥରରେ ବସି ଭାବୁଥାଏ
ଆଖି ଲୁହେ କରି ଛଳଛଳ।

ମନ୍ଦିର ଭିତରେ ଦିଅଁ
ଆହାଃ କେଡେ କମନୀୟ ମୁହଁ
କାନ୍ଦୁରା ମୁହେଁ ପଚାରେ ତାଙ୍କୁ ସିଏ,
ସେ କେବେ ଆସିବେ କୁହ ?

ଚାଳେ ପୋଇ ଲଟା ମାଡିଥାଏ
ବରଷକେ ଥରେ ମୁଁ ଯାଏ
ମୋ' ଯିବା ବାରତା ଜହ୍ନଦିଏ ତାକୁ
ସେ ତ କଇଁ ଭଳି ଚାହିଁଥାଏ।

କେତକୀ ଫୁଲର ବଣ
ସେଠି ବିଲୁଆ ପଣେ ଦି' ପଣ
ସେହି କଣ୍ଟାବଣେ ବାଟ ଜଗି କହେ
କେବେ ଘର କରିବା ଦି ଜଣ ?

ଅମଡା ବାଟ ମୋ' ବାଟ
ମୋ' ଘରେ ତାଟି କବାଟ
'ସୀମାନ୍ତ' ଅଟେ ମୋ ଘର
ଏବେ ଇଚ୍ଛା ଅନିଚ୍ଛା ତୋହର।

ଜହ୍ନ ଜୋଛନାରେ ମଜ୍ଜିଗଲା
ସେ ଫିକ୍ କରି ହସିଦେଲା
ପତ୍ନୀ ତ ବୋଲାନ୍ତି ସଂସାରେ ସଭିଏଁ,
ହେବି, ସୈନିକ ପତ୍ନୀ କହିଲା ।

ମାତୃ ନିବାସ, ମାତୃ ବିହାର,
ବୁଢ଼ାରାଜା, ସମ୍ବଲପୁର



# କବିତା

**ରାମଚନ୍ଦ୍ର ପ୍ରଧାନ**

କବିତା...
କେବେ ମନ ଗହନର
ଅକୁହା ବେଦନା ତ..
ଆଉ କେବେ ଭାବୁକ ମନର
ଅବ୍ୟକ୍ତ ଭାବନା ।।୧।।

କବିତା...
କେବେ ପ୍ରେମ ଫଗୁଣର
ମହୁଆ ପ୍ରୀତି ତ..
ଆଉ କେବେ ନିର୍ଜନ ବେଳାର
ଅଚିହ୍ନା ସାଥି ।।୨।।

କବିତା...
କେବେ ସ୍ୱପ୍ନ ସୁନ୍ଦରୀର
ରଙ୍ଗତୁଳୀ ତ....
ଆଉ କେବେ ନବବଧୂର
ସଞ୍ଜ ଆଳତୀ ।।୩।।

କବିତା...
କେବେ ବନ ପାହାଡ଼ର
ଚଗଲି ଝରଣା ତ....
ଆଉ କେବେ ପ୍ରକୃତି କୋଳର
ମଧୁର ମୂର୍ଚ୍ଛନା ।।୪।।

କବିତା...
କେବେ ବଧୂଲି ଓଠର
ମୃଦୁ ଚମକ ତ....
ଆଉ କେବେ ଝରାଶେଫାଳୀର
ଅଭୁଲା ମହକ ।।୫।।

କବିତା...
କେବେ ପ୍ରେମିକା ହାତର
କାଗଜ ଡଙ୍ଗା ତ.....
ଆଉ କେବେ ମାତୃ ହୃଦୟର
ପବିତ୍ର ଗଙ୍ଗା ।।୬।।

କବିତା...
କେବେ ବିପ୍ଳବୀ ଆଖିର
କୁହୁଳା ଧୂଆଁ ତ.....
ଆଉ କେବେ ପାଉଁଶ ତଳର
ଅଦୃଶ୍ୟ ନିଆଁ ।।୭।।

କବିତା...
କେବେ ଲେଖନୀ ମୁନର
କାବ୍ୟିକ ପରିଭାଷା ତ.....
ଆଉ କେବେ ରୂପସୀ ପ୍ରିୟାର
ମିଛ ରାଗରୁଷା ।।୮।।

କବିତା...
କେବେ ଭଙ୍ଗା ସ୍ୱପ୍ନର
ଅସ୍ପଷ୍ଟ କଥା ତ.....
ଆଉ କେବେ ଦରଦୀ ହୃଦୟର
ଅସହ୍ୟ ବ୍ୟଥା ।।୯।।

କବିତା...
କେବେ ଅନାବନା ଶବ୍ଦର
ଛନ୍ଦ ଅଳଙ୍କାର ତ...
ଆଉ କେବେ ଭାବସିକ୍ତ ଲେଖାର
ନବ କଳେବର ।।୧୦।।

**ସାନ୍ତରାପଲ୍ଲୀ, ଗଞ୍ଜାମ**



# ସ୍ୱାଧୀନତାର ସ୍ୱାଦ

## ରମେଶ ମଙ୍ଗରାଜ

ତାଳ ବରଡ଼ାରେ ଦୋଳି ଖେଳୁଥାଏ
ବାଇ ଚଢେଇର ବସା
ମୁକ୍ତ ବିହଙ୍ଗଟି ନିତି ଦେଖୁଥାଏ
ସଜଳ ଶୀତଳ ଉଷା ।୦।

ସୁନା ପଞ୍ଜୁରିରେ ଦୁଧଭାତ ଖିଆ
ଗୀତ ଗାଉଥିବା ପକ୍ଷୀ
ଖୋଜୁଥାଏ ମନେ ସୁଯୋଗ ଟିକିଏ
ଦୂରେ ଉଡି ଯାଆନ୍ତା କି
କେତେ ଦିନ ଆଉ ବୋଲକରା ହେବ
ମାନିକରି ଆନ ପୋଷା ।୧।
ତାଳ ବରଡାରେ..........

ଗୃହବନ୍ଦୀ ହୋଇ କାହୁଁ ବା ମିଳିବ
ଖୋଲା ଜୀବନର ସ୍ୱାଦ
ଇଚ୍ଛା ହାରିଥିବା ଜୀବଟିଏ ଭାବେ
ଜୀବନଟା ବରବାଦ
ତା' ପାଇଁକି ସାତ ସପନ ହୋଇଛି
ସ୍ୱାଧୀନତା ପରିଭାଷା ।୨।
ତାଳ ବରଡାରେ..........

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା

# ଜାଇଫୁଲ



## ତାରାପ୍ରସାଦ ଜେନା

ଚାଖଣ୍ଡେ ପଇଡ଼ ନାସି.....ଜାଇଫୁଲ
ଚାଖଣ୍ଡେ ପଇଡ଼ ନାସି
ଛିଟ ପଣତକୁ ଦି'ହାତ ଉଡ଼େଇ
କୁଆଡ଼େ ଯାଉଚୁ ଖସି !

କଦଳୀ ଗଛର ଭଣ୍ଡା.....ଜାଇଫୁଲ
କଦଳୀ ଗଛର ଭଣ୍ଡା
ଜୁଡ଼ାକୁ ତୋହର ଖାସା ମାନୁଥାଇ
ଚହଟ କୁସୁମ ମଣ୍ଡା !

କାନ୍ଧିଆ ବିବାକ ଖଟା.....ଜାଇଫୁଲ
କାନ୍ଧିଆ ବିବାକ ଖଟା
ଝୁମୁରୁ ଝୁମୁରୁ ପାଉଁଜି ବଜେଇ
ଭାରି ତୁ କାଢୁଚୁ ଛଟା !

ବାଉଁଶ କରଡ଼ି ଗଜା.....ଜାଇଫୁଲ
ବାଉଁଶ କରଡ଼ି ଗଜା
ନାକର ଗୁଣା ତୋ ହଲେଇ ପକେଇ
ମୁହଁକୁ ମୋଡୁଚୁ ମଜା !

ବାରିରେ ପିଜୁଳି କଷି.....ଜାଇଫୁଲ
ବାରିରେ ପିଜୁଳି କଷି
ପାନଖିଆ ତୋର ଓଠ ଦୁଇଧାର
ନାଲିଆ ହେଇଚି ଲେସି !

କଅଁଳ ସଜନା ଶାଗ.....ଜାଇଫୁଲ
କଅଁଳ ସଜନା ଶାଗ
କଥା ପଦେ ତତେ କହିଦେଲି ବୋଲି
ମିଛକୁ କରେନା ରାଗ !

ରାଜ ରଣପୁର, ନୟାଗଡ଼

# ଶପଥ

**ବିଜୟା ଲକ୍ଷ୍ମୀ ମହାପାତ୍ର**

ଶୈଶବର ଧୂଳିଘର ଭାଙ୍ଗି
କୈଶୋରର ଦୋଳି ଖେଳ ଭୁଲି
ଜାଣେନା ମୁଁ କେଉଁଦିନ ଲେଖିଲି
ପ୍ରଥମ କବିତା....

ପ୍ରଜାପତି ମନ ନେଇ ଉଡ଼ିଉଡ଼ି
ଫୁଲ ବଗିଚାରେ
ଚୋରାଚୋରା ସମୀରଣେ
ଲୁଚକାଳି ଖେଳ ଭୁଲି
ଜାଣେନା ମୁଁ କେଉଁ ଦିନ
ଚିହ୍ନିଲି ଦୁନିଆ
ସ୍ନେହ, ଶ୍ରଦ୍ଧା ଓ ମମତା
ସବୁ ପାଇ ସବୁ କିଛି
ହଜାଇ ଦେଇ ଏ ମଣିଷ ବଞ୍ଚି ରହେ
ଅତୀତର ଦରଜକା ସ୍ମୃତିକୁ ମୁଠେଇ.....

ସମୟଟା ଅମାନିଆ ଅବୁଝା ବି
ମୁହୂର୍ତ୍ତଗୁଡାକ ସବୁ ବୁଝି
କିଛି ନ ବୁଝିବା ଏ ମଣିଷର
ଆଦିମ ଅଭ୍ୟାସ.....

କିଏ ତୁମେ ଉନ୍ମାଦ ଭରୁଛ
ମୋ' ତନୁର ପ୍ରତିଟି ତନ୍ତ୍ରିରେ
ଯାଜ୍ଞସେନୀ ସାଜିବାକୁ
ସର୍ବହରା ମଣିଷ ଭିତରେ.
ଦୁର୍ଯ୍ୟୋଧନ ଜାନୁ ଭଙ୍ଗକରି
ଦୁଃଶାସନେ ଦେଇ ପରାଭବ
ସମୟକୁ ମାଡି ଚାଲ,
କିଏ ତୁମେ ଆହ୍ୱାନ ଦେଉଛ
ପ୍ରଗତିର ଝଣ୍ଡା ଧରି ହାତେ......

ଉନ୍ମାଦିନୀ ମୁଁ ତୁମରି ଆହ୍ୱାନେ
କରୁଛି ମୁଁ ଦୁର୍ବାର ଶପଥ
ଶୋଷଣର କାରା ଭାଙ୍ଗି
ମୁଁ ହୋଇବି ଉନ୍ନତ ମଣିଷ.....!!!

**କଡ଼ମିଆଁ, ବରୁଣ୍ଡେଇ, ଯାଜପୁର**

ଆମ କବିତା

# ମହାମହିମ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ

ତ୍ରିଲୋଚନ ଦାସ



ହେ' ମହାମାନ୍ୟ !! ତୁମକୁ ଅଭିନନ୍ଦନ
ଭାରତର ରାଷ୍ଟ୍ରପତି, ତୁମେ ତ ବିଶ୍ୱର ନେତ୍ରୀ
ତୁମ ପାଇଁ ଏଇ......ମାଟି ମହକଇ.....
ତୁମେ ଆମ ସ୍ୱାଭିମାନ........
ହେ' ମହାମାନ୍ୟ !! ତୁମକୁ ଅଭିନନ୍ଦନ (୦)

ବୀର ପ୍ରସବିନୀ ଓଡ଼ିଶା ମାଟିର
ତୁମେ ପରା ସୁନା ଝିଅ
ତୁମ ଯଶ କୀର୍ତ୍ତି ତୁମ ସଫଳତା
ପ୍ରତି ଓଡ଼ିଆର ଜୟ
ପଲ୍ଲୀଠାରୁ ଦିଲ୍ଲୀ ହୁଏ ପୁଲକିତ
ମାଟିରୁ ଆକାଶ ପ୍ରଶଂସାରେ ପ୍ରୀତ
ତୁମେ ଏ ମାଟିର....... ଏ ମାଟି ତୁମର........
କରଇ ବନ୍ଦନା ଗାନ..........
ହେ' ମହାମାନ୍ୟ !! ତୁମକୁ ଅଭିନନ୍ଦନ (୧)

ରାଇରଙ୍ଗପୁର ଜନମ ଭୂଇଁରୁ
ରାଇସିନା ହିଲ୍ ଯାଏ
ସାରା ଦୁନିଆରେ ତୁମ ଜୟଗାନ
କୋଟି କଣ୍ଠ ଶୁଭୁଥାଏ
ପ୍ରଥମ ମହିଳା ଓଡ଼ିଆ ଜାତିର
ତୁମ ପାଇଁ ଧନ୍ୟ ଦିଲ୍ଲୀ ଦରବାର
ଅଛି ଆମ ଆଶା....... ଅଛି ତ' ଭରସା........
ତୁମେ କରିବ ପୂରଣ.......
ହେ' ମହାମାନ୍ୟ !! ତୁମକୁ ଅଭିନନ୍ଦନ (୨)

ଶ୍ରୀବିହାର, ଖୋର୍ଦ୍ଧା



# ରାକ୍ଷୀ

## ସୁକାନ୍ତି ମିଶ୍ର

ରାକ୍ଷୀ ଶରଧାର ମଧୁଗୀତି
ରାକ୍ଷୀ ଅବୁଝା ଅଳିର ସାକ୍ଷୀ
ଖୁଦୁରୁକୁଣୀରେ କଇଁଫୁଲ ତୋଳା
ଭରସାର ଦୁଇଆଖି......

ରାକ୍ଷୀ ସୁନାଲୁହ ପୋଛା ହାତ
ରାକ୍ଷୀ ଅଭୟ ମନ୍ଦିର ନେତ
ଲୁହର ତୁଠରେ ହସ ବାଣ୍ଟୁଥିବା
ଶିଉଳିଫୁଲର ଗୀତ......

ରାକ୍ଷୀ ସପନର ରଜଦୋଳି
ସେ ତ ସମ୍ପର୍କର ସୁନାଥାଳି
ସୁନେଲି ସକାଳ କଅଁଳ ଡେଣାରେ
କଙ୍କିଧରା ମିଠା ଅଳି......

ରାକ୍ଷୀ ପ୍ରତିଜ୍ଞାର ବଡପଣ
ରାକ୍ଷୀ ଅଳିଅଳି ଅଭିମାନ
ଅମାପ ବେଦନା ସାଉଁଟା ସରାଗେ
ଅକୁଣ୍ଠିତ ସମର୍ପଣ......

ରାକ୍ଷୀ ଆଶା ଅର୍ପଣର ବିଥି
ରାକ୍ଷୀ ରେଶମୀ ଡୋରିର ତିଥି
ଅତୁଟ ବନ୍ଧନ ପ୍ରଣବ ଓଁକାରେ
ଖୁସି ଆଞ୍ଜୁଳିର ପ୍ରୀତି.....

ସମ୍ପର୍କ
ସାରସ୍ୱତ ନଗର, ପୁରୀ

# ରାକ୍ଷୀ, ପ୍ରୀତି ବନ୍ଧନର ସାକ୍ଷୀ

**ରୋଜାଲିନ୍ ପଟ୍ଟନାୟକ**



ରାକ୍ଷୀ, ରାକ୍ଷୀ, ରାକ୍ଷୀ,
ସେତ ପ୍ରୀତି ବନ୍ଧନର ସାକ୍ଷୀ;
ନୁହେଁ ସେ ପ୍ରଣୟ କି ନୁହେଁ ଦାମ୍ପତ୍ୟ ପକ୍ଷୀ,
ସେତ ଭଗ୍ନୀ ରକ୍ଷାସୂତ୍ର ରୂପେ ଭ୍ରାତୃ ହସ୍ତେଥାଏ ଲାଖି। ୧।

ଗହ୍ମା ପୁନେଇଁର ଶୀତଳ ଜହ୍ନ,
ପ୍ରଭୁ ବଳରାମ ଜନ୍ମ ଅଟେ ସେହିଦିନ;
ଚନ୍ଦନ ସିନ୍ଦୂରେ ପୂଜି ଗୋରୁଗାଈ ଧନ,
ପିଠାପଣା ଦେଇ ରକ୍ଷାସୂତ୍ର ହୁଏ ବନ୍ଧନ।୨।

ଲିଭି ଯାଉଛି ଧୀରେଧୀରେ ଆମ ପରମ୍ପରା,
ରକ୍ଷା ବନ୍ଧନ ପାଲଟିଛି ଫେଶନର ଧାରା;
ଉପହାର ମିଳିଥାଏ ଭଉଣୀକୁ କେତେ ସାରା,
ହେଲେ କିଛି ଭଉଣୀଙ୍କୁ ସମ୍ମାନ ମିଳେନି ପରା।୩।

ଆସ ଆସ ଆସ ଭାଇ ଭଉଣୀ,
ଏହି ପର୍ବଟିକୁ ଆଜି ପାଳିବା ପୁଣି;
ଓଡ଼ିଆ ସଂସ୍କୃତିକୁ ଫେରାଇ ଆଣି,
ରାଧାକୃଷ୍ଣ ଝୁଲୁଥିବେ ଝୁଲଣ ଦୋଳି।୪।

**ଶିକ୍ଷୟିତ୍ରୀ,**
**ଆର୍ଯ୍ୟବର୍ତ୍ତ ଆନ୍ଭିଏଣ୍ଟ୍ ଏକାଡେମୀ, ଖୋର୍ଦ୍ଧା**



# ଜୀବନ ଖାତା

ପ୍ରସନ୍ନ ମଣ୍ଡଳ

କେତେଥର କେବେ
ହାରିଛି ଜିତିଛି
ଜୀବନ ଖାତାରେ
ରଖିଲି ଲେଖି
ପୁରୁଣା ହେଲାଣି
ସମୟର ପୃଷ୍ଠା
ଯେତେ ନିରେଖିଲେ
ପାରୁନି ଦେଖି ।

କେତେ ଆୟବ୍ୟୟ
ଲୁହର ତାଲିକା
ହସର ହିସାବ
ଦିଶୁନି ଆଉ
ମୂଳଧନ ସୁଧ
ମିଶାଣ ଫେଡାଣ
ସେଦିନ ଭାବର
ଅସଲ ଭାଉ ।

ବୟସ ମାର୍ଜିନୀ
ଗାର ଲିଭିଲାଣି
ଆଶାର ମଲାଟ
ଗଲାଣି ଖସି
ନୀତି ନିୟମର
ସୂତା ଛିଣ୍ଡିଲାଣି
ଜଞ୍ଜାଳ ମଇଳା
ଗଲାଣି ବସି ।

ଗୋଟି ଗୋଟି ହୋଇ
ଫିଟିଗଲେ ପୃଷ୍ଠା
ହଜିଯିବ ସବୁ
ଜୀବନ ଲେଖା
ଜାଣି ହେବନାହିଁ
କେତେ ତାରିଖରେ
କାହା ସଙ୍ଗେ କେବେ
ହୋଇଛି ଦେଖା ।

କୋଟପଲ୍ଲା, ଖୋର୍ଦ୍ଧା

# ତ୍ରିରଙ୍ଗା ଆମରି ଗର୍ବ



**ରେଣୁକା ରଥ**

ନୀଳ ଗଗନର ନୀଳିମାରେ
ଉଡ଼େ ଆମରି ତ୍ରିରଙ୍ଗା ଧ୍ୱଜ,
ସ୍ୱାଧୀନତାର ସଙ୍ଗୀତ ଗାଇ
ଉଡ଼ିଥିଲ ସୁମନରେ ହୋଇ ସଜ,
ପରାଧିନତାର ଜଞ୍ଜିର କାଟି
ରଖିଲ ମାନ ଅସହାୟ ଜନତାର,
କୋଟି ହୃଦୟର ସ୍ପନ୍ଦନ
ତୁମେ ଗାଆ ସ୍ୱାଧୀନତା ଜୟକାର ।
ପରାଧିନତାର ନିର୍ମମ କାହାଣୀ
ଇତିହାସ ଗାଏ ଗାଥା,
ମହାମନିଷୀଙ୍କ ଆତ୍ମ ବଳିଦାନ
ଭାବି ନଇଁ ଯାଏ ମଥା ।
ଘଟିଥିଲା କେତେ ରକ୍ତ ପ୍ଲାବନ
ଜୀବନ କଳାପାଣି କାରାଗାରେ,
ଆଇନ ଅମାନ୍ୟ, ଦାଣ୍ଡିଯାତ୍ରା
ଲୁଣମରା ଅମାନ୍ୟରେ ।
ଜାଲିଆନାୱାଲାବାଗ, ଇଁଚୁଡ଼ି ଇରମ
ଅହିଂସା ସତ୍ୟାଗ୍ରହ,
ହଜିଗଲେ କେତେ ଅମର ଶହିଦ
ଦର୍ଶାଇ ନିଜର ଦ୍ରୋହ ।
ଗାନ୍ଧୀ ମହାତ୍ମାଙ୍କ ଅହିଂସା ମନ୍ତ୍ରରେ
ଚହଲିଲା ଦେଶ ଛାତି,
ସୁଭାଷ, ପଟେଲ, ଲାଲ, ବାଲ, ପାଲ୍
ସାହାସ ଦେଖିଲା ଜାତି ।
ଯୁଗ ପୁରୁଷଙ୍କ ବଳିଦାନ ପାଇଁ
ଲବ୍ଧ ଏ ସ୍ୱାଧୀନତା,
କିଏ ବା ଭୁଲିବ ସେ ଅମର ଗାଥା
ସେଥି ପାଇଁ ଜୟ ଯାତ୍ରା ।
ହେ ତ୍ରିରଙ୍ଗା, ସହି ପାରିଲନି
କୋଟି ଜନତାର ନିର୍ମମ ଅତ୍ୟାଚାର,
ସେଥି ପାଇଁ ଉଭା ଏ ପୁଣ୍ୟ ଭୂଇଁରେ
ନେଇ ବିଜୟର ଅବତାର ।
କିଏ ସେ ବିଧାଣୀ ଗଢିଛି ତୁମକୁ
ଆଖି ଲାଖିଯାଏ ଦେଖି,
ଶାନ୍ତି, ମୈତ୍ରୀ, ସାହାସ, ପ୍ରଗତି
ଛାତିରେ ଦେଇଛ ଲେଖି ।
ଏ ଦେଶର ତୁମେ ଗର୍ବ,
ଗୌରବ ସ୍ୱାଧୀନତାର ଚିହ୍ନ,
ତୁମ ସୁନ୍ଦରତା ଦିଶେ ନାହିଁ
କାହିଁ ସବୁଠାରୁ ପରା ଭିନ୍ନ ।
ଆସୁ ପଥେ ଆମ ଯେତେ ଝଡ଼ଝଞ୍ଜା
ନୁଆଇଁବୁ ନାହିଁ ମଥା,
ସ୍ୱାଧୀନତା ଆମ ରହିବ ଅଖଣ୍ଡ
ଗାଇ ବିଜୟର ଗାଥା, ଗାଇ ବିଜୟର ଗାଥା ।

ଖୋର୍ଦ୍ଧା

# ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ବାସନ୍ତୀ ଦେଈ

ତେଜସ୍ୱିନୀ ତୁମେ ଯଶସ୍ୱିନୀ ତୁମେ
ମହାମହିମ ରାଷ୍ଟ୍ରପତି
ଓଡ଼ିଶା ମାଟିରୁ ଭାରତ ଭୂଖଣ୍ଡେ
ଉଡୁଅଛି ତବ କୀର୍ତ୍ତି ।୧।

ମୟୂରଭଞ୍ଜର ରାଇରଙ୍ଗପୁର
ପ୍ରଥମ ଓଡ଼ିଆ ଝିଅ
ସାରା ଭାରତର ଗର୍ବ ଓ ଗୌରବ
ଉତ୍କଳର ସୁନା ଝିଅ ।୨।

ନୁହେଁ ତ ପାଞ୍ଚାଳୀ ଦ୍ରୁପଦ ନନ୍ଦିନୀ
ନାମ ତାଙ୍କର ଦ୍ରୌପଦୀ
ମହାଭାରତର ନାୟିକା ନୁହନ୍ତି
ଭାରତର ରାଷ୍ଟ୍ରପତି ।୩।

ଧନ୍ୟ ହେ ଦ୍ରୌପଦୀ ଧନ୍ୟ ତୁମ ଚେଷ୍ଟା
ଧନ୍ୟ ତୁମ କର୍ତ୍ତବ୍ୟ ନିଷ୍ଠା
କାଉନସିଲରରୁ ବିଧାୟକ ମନ୍ତ୍ରୀ
ଦେଖାଇଲ ପରାକାଷ୍ଠା ।୪।

ରାଜ୍ୟପାଳ ହୋଇ ଯଶ ରଖିଗଲ
ଏବେ ଭାରତର ରାଷ୍ଟ୍ରପତି
ନାଶି ଦୁଃଶାସନ ନାରୀଙ୍କୁ ସମ୍ମାନ
ଫେଡିବ ଦେଶ ଦୁର୍ଗତି ।୫।

ସୁବର୍ଣ୍ଣ ଅକ୍ଷରେ ଲେଖା ତୁମ ନାମ
ରଚିଗଲ ଇତିହାସ
ପଲ୍ଲୀଠାରୁ ଦିଲ୍ଲୀ ମହକି ଉଠୁଛି
ବଣମଲ୍ଲୀର ସୁବାସ ।୬।

ମୋ' ଜୀବନ ପଛେ ନର୍କେ ପଡ଼ିଥାଉ
ଦେଲ ଆଜିର ଆହ୍ୱାନ
ଗଢ଼ିଦିଅ ତୁମେ ସୁନାର ଭାରତ
କରୁ ତୁମ ଯଶଗାନ ।୭।

ଖୋର୍ଦ୍ଧା

# ବନ୍ଧୁତ୍ୱ ଦିବସର ବାର୍ତ୍ତା

**ସାରଙ୍ଗଧର ଷଡ଼ଙ୍ଗୀ**

ଜୀବନରେ ବଞ୍ଚିବାକୁ ହେଲେ ବନ୍ଧୁଟିଏ ଲୋଡା
ସ୍ୱାର୍ଥପର ସମାଜରେ ଉପଯୁକ୍ତ ବନ୍ଧୁ ମିଳନ୍ତି ନାହିଁ
ବନ୍ଧୁଟିଏ ପରସ୍ପର ସୁଖଦୁଃଖରେ ଭାଗୀ ହୋଇଥାଏ
ନିଃସ୍ୱାର୍ଥପର ଭାବରେ ବିପଦରେ ସାହା ହୁଏ
ମନୁଷ୍ୟ ହେଉଛି ସାମାଜିକ ପ୍ରାଣୀ
ଭାବ ଦେବାନେବାରେ ମନ କିଣୁଥାଏ
ଅର୍ଥ ବଳରେ ସବୁକିଛି କିଣିପାରି ହୁଏ
ସ୍ନେହ, ଶ୍ରଦ୍ଧା, ଭକ୍ତିଭାବ କିଣି ନ ହୁଏ
ଶ୍ମଶାନ ବୈରାଗ୍ୟ, ପ୍ରସବ ବୈରାଗ୍ୟ
ଭଳି ବନ୍ଧୁ ଲୋଡାନାହିଁ
ବିପଦ ଟଳିଗଲେ ଭୁଲିଯାଏ ସେଇ
ଉପଯୁକ୍ତ ବନ୍ଧୁଟିଏ ମନର ବେଦନା ବୁଝେ
ସମସ୍ୟାର ସମାଧାନ ବାଟ ଦେଖାଇ ଦିଏ
ବନ୍ଧୁର ସମ୍ପର୍କ ସାତଜନ୍ମ ପାଇଁ
ସାରା ଜୀବନ ବଞ୍ଚିଥାଏ ଆପଣାର ହୋଇ
ବନ୍ଧୁତ୍ୱ ଭିତରେ ଉଚ୍ଚନୀଚ, ଛୋଟବଡ଼ ଭେଦଭାବ ନଥାଏ
ଏହିଭଳି ବନ୍ଧୁ ଯଦି ଜୀବନେ ମିଳିବ
ହସଖୁସି ଭିତରେ ସମୟ ବିତିବ।

# ବିରହିଣୀ (ରାଗ---ମତି ଆହାରି)



**ସୁରେଶ ଚନ୍ଦ୍ର ରଥ**

୧
ଆସେ ବର୍ଷାରାଣୀ ଜୀମୂତ ବାହନେ
ଚପଳା ସଙ୍ଗେ ରୋଷଣୀ
ଆବର୍ତ୍ତ, ସମ୍ବର୍ତ୍ତ, ଦ୍ରୋଣ ଓ ପୁଷ୍କର
ଶ୍ରେଷ୍ଠ ବାଦ୍ୟକାର ଗଣି

୨
ବରଷାରେ ବାମା ଭିଜିଭିଜି ଜେମା
ବର ବିରହେ ବିମୁଖ
ବାଧା ଦେଲା ବାତ ହୋଇ ପ୍ରତିହତ
ବାମାଙ୍ଗୀର ମନ ଦୁଃଖ

୩
ଲାବଣ୍ୟ ବଦନେ ଶ୍ୱେତ ଅପଘନେ
ବାରିଧର ସ୍ୱେଦ ଚିହ୍ନ
ବସନ ଭୂଷଣ ସିକ୍ତ ବାରିଦାନେ
କଳେବର କମ୍ପମାନ

୪
କାନ୍ତଙ୍କୁ ସୁମରି କାମିନୀ ବିଚାରି
ଅବସାଦେ ଅବସନ୍ନ
କେଉଁ କୁଞ୍ଜବନେ କଳା ନିକେତନେ
କାଟିଛନ୍ତି ବର୍ଷା ଦିନ

୫
କନ୍ଦର୍ପ ସମାନ ରୂପ ସୁଶୋଭନ
ଆଜାନୁଲମ୍ବିତ ବାହୁ
ଲୋମଯୁକ୍ତ ବକ୍ଷ ନୀଳ ଶାନ୍ତ ଅକ୍ଷ
ଅଙ୍ଗ ଦିଶେ ଦାଉ ଦାଉ

୬
ବିରହିଣୀ ନାରୀ ପତି ବିଚ୍ଛେଦରେ
ବିଦଗ୍ଧିତ ପ୍ରାଣପୀଡା
ପତି ପ୍ରାଣେଶ୍ୱର  ଦେଖି ପ୍ରିୟତମା
ତେଜିଥାଏ ମୁଖ ବ୍ରୀଡା

୭
ବରଷା ସହସା ପୂର୍ଣ୍ଣ କଲା ଆଶା
ଧୀର ମନ୍ଥରେ ଗମନ
ପ୍ରାଣପ୍ରୀୟ ପତି ଦେଖିଣ ଯୁବତୀ
କାୟା ମନ ସୁପ୍ରସନ୍ନ

**ଜଟଣି, ଖୋର୍ଦ୍ଧା**

# ଶ୍ରାବଣ



**ହାସ୍ୟମୟୀ ରାଜ୍**

ବର୍ଷାର ରିମ୍ ଝିମ୍ ଛନ୍ଦ ତୋଳି
ନାଚୁଥାଏ ଶ୍ରାବଣ
ଅମାନିଆ ଚୁଲ୍ ବୁଲି ଝିଅଟିଏ ପରି
କାନରେ ମୋ' କହିଦିଏ କିଏ ଆସି
ଯା ଯା ଭିଜିଯା ତା' ସାଥୀରେ
କାହିଁକି ବସିଛୁ କହ ଏତେ ମନମାରି ।।

ସ୍ମୃତି କେବେ ଶ୍ରାବଣ ସନ୍ଧ୍ୟାରେ
ଆଙ୍କୁଥାଏ କେତେ କେତେ ଚିତ୍ର
ଭଳି ଭଳି ରଙ୍ଗ ତୂଳୀ ଧରି
ମତୁଆଲା ମନ ପୁଣି ଡେଣାଝାଡି ଉଡୁଥାଏ
ଭିଜା ତାର ପବନ ସାଥୀରେ
ସୁନେଲି ଅତୀତକୁ ଝୁରି ।।

ମାଡିଆସେ ଶୂନ୍ ଶାନ୍ ରାତି
ହୃଦୟରେ ସୃଷ୍ଟି କରି ଅନାଗତ ଭୀତି
ଉଆଁସ ଅନ୍ଧାରର ବୁକୁ ଚିରିଚିରି
କେବେ ପୁଣି ଜୋଛନାର ତାଳେତାଳେ
ଆକାଶରେ ରୂପାଜହ୍ନ ଗାଉଥାଏ ଗୀତି
ଡାକୁଥାଏ ତା' ପ୍ରିୟାକୁ ସତେ ହାତଠାରି ।।

ଶ୍ରାବଣରେ କେତେ ସ୍ବପ୍ନ ସୁଅ ପରି ଆସେ
ମୁଗ୍ଧ ମନା ମୌସୁମୀକୁ ନେଇ
ଶେଷେ ପୁଣି ଯାଇଥାଏ ଫେରି
ପ୍ରତୀକ୍ଷାର ଶେଷ କାହିଁ ସତେ ତା' ପାଇଁ
ସେ ପରା ଦେଇଥାଏ ଏ ଧରାକୁ
ସବୁଜ ସୁଷମାରେ ଭରି
ଆସିଥାଏ ପୁଣ୍ୟତାର ମହାମନ୍ତ୍ର ଧରି ।।

**ଓରାଳି, ହାଟଡିହି, କେନ୍ଦୁଝର**



# ତୁମେ ଗଲା ପରେ

**ସତ୍ୟ ନାରାୟଣ ମଲ୍ଲିକ**

ତୁମେ ଶୋଇଯାଅ ନିରବ ନିଦରେ
ଆଖିରେ ସପନ ମାଖି
ଭିଜେ ମୁଁ ରାତିରେ ଲୁହର ବର୍ଷାରେ
ସ୍ମୃତିକୁ ଛାତିରେ ରଖି ॥

କଡ଼ ଲେଉଟାଏ ଲୁହ ପିଇ ଶୁଏ
ରାତିର ଗହନ କୋଳେ
ନିଶା ଉତୁରିଲେ ତୁମେ ମନେପଡ଼
କୋହ ଝରା ଛାତି ତଳେ ॥

ତୁମ ଆଖି ଦୁଷ୍ଟ କରେ ଛଟପଟ
କାନ୍ଥରେ ତୁମରି ମୁହଁ
ମୋତେ ଯେବେ ଦିଶେ କଳାମେଘ ଆସେ
ଢାଳେ ଅସରାଏ ଲୁହ ॥

ସବୁ ରାତି ତୁମ ଜହ୍ନରାତି ପରି
ଚୁନା ଚୁନା ଜୋଛନାରେ
ମାଟିରେ ମିଶେ ମୁଁ ଲୁହ ଟୋପେ ହୋଇ
ତୁମ ଦେହ ବାସନାରେ ॥

ତୁମେ ନାହଁ ଆଜି ଯାଇଅଛ ହଜି
କାହାର ପ୍ରେମରେ କୁହ
ତୁମେ ଗଲାପରେ ମୁଁ ତୁମକୁ ଝୁରେ
ପାଗଳ ପ୍ରେମିକ ପୁଅ ॥

ତୁରିନ୍ତିରା, ବାଲିପାଟଣା, ଖୋର୍ଦ୍ଧା

# କେହି ଜଣେ କହିବା ଶୁଣାଗଲା

ଡ ରଜତ କୁମାର ଷଡଙ୍ଗୀ

କେହି ଜଣେ କହିବା ଶୁଣାଗଲା
ଉଡ଼ନ୍ତା ଚଢ଼େଇର ପର ଗଣି ଲାଭ କ'ଣ
ଲାଭ କ'ଣ ସ୍ୱପ୍ନ ସବୁ ସାଉଁଟି
ସୁନା ପଂଜୁରୀରେ କଏଦ କରିବା
ଅଡୁଆ ସୁତାର ଖିଅ ଓଟାରି
ଓଟ ଭଳି ନିଜ ପିଠିରେ
କୁଜ ବାହାର କରିବା ।।

କେହି ଜଣେ କହିବା ଶୁଣାଗଲା
ସମୁଦ୍ର ଲହଡ଼ି ଗଣିବା କି ଦରକାର
କି ଦରକାର ହାତରୁ ଖାଇ
ଘୋଡ଼ା ଆଗରେ ଧାଇଁବୁ
ବିଲେଇ କପାଳରେ ଶିକା ଛିଡିଲେ
ଲାଭ କାହିଁକି ନ ନେବୁ ।।

କେହି ଜଣେ କହିବା ଶୁଣାଗଲା
ଭାତ ଫିଙ୍ଗିଲେ କାଉ କନ୍ତାର ନୁହଁନ୍ତି
ଉଧାର ମିଳିଲେ ହାତୀ କିଣନ୍ତି
ପାଣିରେ ସର ପକାଇ କଥା ବନାନ୍ତି
ସେମାନେ ହିଁ ଦୁନିଆରେ ସଫଳ ହୁଅନ୍ତି ।।

କେହି ଜଣେ କହିବା ଶୁଣା ଗଲା
ଯେମିତି ଦିଅଁକୁ ସେମିତି ପୂଜା
ହାତେ ମାପି ଚାଖଣ୍ଡେ ଚାଲ
ଦିଆକୁ ଦିଆ ଅଦିଆକୁ ଦୁଆର ଦିଆ
ଭଲକୁ ଭେଲ କଳାକୁ ଧଳା
କରି ପାରେ ଯେ ତା' ଜନ୍ମ ସଫଳ ।।

ଉତ୍ତରିଲେ କେହି ଜଣେ ମହାଶୟ
କଷ୍ଟ କଲେ କୃଷ୍ଣ ମିଳେ
ପୁରୁଷାର୍ଥ ମଣିଷ ଅଧୀନ ,
ନିଜ ଗୋଡ଼ରେ ଯେ ନିଜେ ହୁଏ ଠିଆ
ସେହି ମାତ୍ର ଦୁନିଆରେ ଅତି ଭାଗ୍ୟବାନ।।

ସତ କଥା କହୁଥିଲେ ଶ୍ରୋତା
ନିଜର କର୍ମ ହିଁ ନିଜର ଭାଗ୍ୟ ବିଧାତା ।।

ବୋରିଗୁମ୍ମା,କୋରାପୁଟ

# ପରିବର୍ତ୍ତନ



**ଯମେଶ୍ୱର କହଲସିଂହ**

ଅସ୍ତାଚଳଗାମୀ
ଅହିଂସା ସୂର୍ଯ୍ୟ
ସୁନେଲି କିରଣ ମ୍ଳାନ,
ଖୋଲା ହସ ମୁଠେ
ଦେଖୁନି କା' ଓଠେ
ହେଉ ବଡ଼ ଅବା ସାନ ...।।୦।।

ମନ ସୁନା ସବୁ
ଚଉଦ କ୍ୟାରେଟ
ନ'ଅଣା ସାତଣା ଭାଗ
ଖାଣ୍ଟି ଖୋଜିଲେ
କେମିତି ମିଳିବ
ସ୍ନେହ, ପ୍ରେମ, ଅନୁରାଗ,
ନିରାଶା ବାଲିରେ
ପାଦ ତାତିଯାଏ
ରାହୁ ଗ୍ରାସେ ମନଜହ୍ନ... ।।୧।।

ସ୍ୱଚ୍ଛ ଦିବାଲୋକେ
ଅସାମାଜିକଙ୍କ
ବନ୍ଧୁକରୁ ଫୁଟେ ଗୁଳି
ବଳାତ୍କାରର-
ଶିକାର ହୁଅନ୍ତି
କେତେ ଯେ କଅଁଳ କଳି,
ଛଳନା ଜାଲରେ
ଛନ୍ଦି ହୋଇଯାଏ
ସରଳ ଚପଳ ମନ... ।।୨।।

ରାମରାଜ୍ୟ ଆଜି
ପାଲଟି ଯାଇଛି
ମୋହ ମାୟା ଗନ୍ତାଘର
ନିଶାଶକ୍ତ କେତେ
ରାବଣ, କଂସ
ଦେଖ ଅଗଷ୍ଟ ପନ୍ଦର,
ପଞ୍ଚସ୍ତରୀ ବର୍ଷ
ସ୍ୱାଧୀନତା ପରେ
ଏଇ ତ ପରିବର୍ତ୍ତନ... ।।୩।।

**ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା**

# ବର୍ଷା ଆସିଛି ବୋଲି



ନିଶିକାନ୍ତ କହଲସିଂହ

ବର୍ଷା ଆସିଛି ବୋଲି ତମେ କାଇଁ ଭାରି ମନେପଡ଼
ଛମ୍ ଛମ୍ ନାଚେ କିଏ ପିନ୍ଧି ତୁମ ପାଦର ନୂପୁର,
ବର୍ଷା ଆସିଲେ ସିନା ପ୍ରକୃତିର ତାପ କମିଯାଏ
ଦେହର ଉତ୍ତାପ ବଢ଼େ ଶୁଣିଦେଲେ ମେଘର ମହ୍ଲାର ।

ବାଟବଣା ହୋଇ ନଦୀ ବର୍ଷାର ପରଶେ
ସାଗରରେ ମିଶିଯାଏ ନିଜସ୍ୱ ତା' ଠିକଣା ହଜାଇ,
ତମେ କିଆଁ ଆସନାହିଁ ? ଛାତିକୁ ତ ପତାଇ ଦେଇଛି
ତମ ଦେହ ନଦୀରେ କି ବନ୍ୟା ଆସେନାହିଁ ?

ମିଳନର ଋତୁ ହୋଇ ଆସିଥିଲା ଦିନେ ଏଇ ବର୍ଷା
କରିଥିଲା ଦୁହିଁଙ୍କର ଦେହ, ମନ ଏକ ଓ ଅଭିନ୍ନ,
ବିରହର ଋତୁ ହୋଇ ଆସିଅଛି ଆଜି ପୁଣି ଥରେ
ଦେହ ଠାରୁ ଦେହ ଆଉ ମନ ଠାରୁ ମନ କରି ଛିନ୍ନ ।

ବର୍ଷା ରାତିର ଏଇ ଅନ୍ଧକାର ମାଡ଼ିମାଡ଼ି ପଡେ
ବାଦଲ ଛାତିରେ ପୁଣି ବିଜୁଳିଟା ଚମକି ପଡୁଛି,
ନିଘଞ୍ଚ ବନାନୀ ଆଜି ରହିରହି ଡାକ ଦିଏ ଯେତେ
ପବନରେ ତୁମ ଡାକ ଆସି ମୋ'ର ଛାତିରେ ବାଜୁଛି ।

ନିତମ୍ବ ଚଳାଇ ଧୀରେ ବର୍ଷାରେ ନାଚୁଥିଲ ଯେବେ
ପ୍ରଥମ ପ୍ରେମରେ ହଜି ତୁମ ସାଥେ କେତେ ମୁଁ ଭିଜିଛି,
ତୁମ ସାଥେ ଭିଜିବାକୁ ଆଜି ମୋର ଇଚ୍ଛା ହୁଏ ଭାରି
କାହିଁକି ନା, ସାରାରାତି ଅଗଣାରେ ବର୍ଷା ଝରୁଛି ।

ଇଏ କ'ଣ ସେଇ ବର୍ଷା............
ଯିଏ ଦିନେ ଆମ ମନେ ଜାଳିଥିଲା ନିଆଁ
ଇଏ କ'ଣ ସେଇ ବର୍ଷା..............
ଗାଉଥିଲା ଯିଏ ଆମ ପ୍ରୀତିର ରାଗିଣୀ,
ଅନ୍ଧ ମୁହାଣୀ ନଇ ଝରାଏ ଯେ ଆଖିରୁ ତୁମର
ଇଏ କ'ଣ ସେଇ ବର୍ଷା.................
ସଜାଇଛି ଯିଏ ଆଜି ତୁମକୁ ଶ୍ରାବଣୀ ।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା



# ମନ ନିଆଁ ଜଳେ ଛାତି ତଳେ

## ଡ. ଦିଲ୍ଲୀପ ଶ୍ରୀଚନ୍ଦନ

ମନ ନିଆଁ ଜଳେ
ଛାତିତଳେ ସିନା
ଉଠେନାହିଁ କେବେ ଧୂଆଁ,
ଭିତରେ ଭିତରେ
ସରିଯାଏ ସବୁ
ଦେଖେନା କେବେ ଦୁନିଆ ।।୦।।

ଫୁଲର ଚିତାଉ
ଝରିଯାଏ ଦିନେ
କେହି ତାକୁ ପଢ଼େନାହିଁ
ମନକଥା ମନେ
ମରିଯାଏ ସିନା
କେହି ତାକୁ ବୁଝେନାହିଁ,
ଦୁଇ ଦିନର ଏ
ପୀରତି ତ ଜାଳେ
ଛାତି ତଳେ ବଣନିଆଁ ।।୧।।

ବାହାନା ଦେଖାଇ
କେତେକାଳ ଆଉ
ବଞ୍ଚିହେବ ଦୁନିଆରେ
ଲେଖାହୁଏ କେତେ
ଲୁହର ଚିତାଉ
ପଢ଼ିନାହିଁ କେହି ଥରେ,
ଏବେ ମୁଁ ଜାଣିଲି
ଏ ଭଲ ପାଇବା
ଖାଲି ତ ଏକ କିମିଆ ।।୨।।

ପୂର୍ବତନ ବିଧାୟକ, ଖୋର୍ଦ୍ଧା

ଆମ କବିତା



# ବଦଳିବା ଜରୁରୀ

ପ୍ରଶାନ୍ତ କୁମାର ଦାଶ

(୧)
ଧରାବକ୍ଷ ସ୍ପନ୍ଦନ କୋଟିଜନ ବନ୍ଦନ
କୀରତିର ଚନ୍ଦନ ଘନ
ପରାଧୀନ ବନ୍ଧନ ଶୃଙ୍ଖଳର ମୋଚନ
ଗାରିମା ର ନନ୍ଦନ ବନ
(୨)
ସେଇ ମାଆ କାନ୍ଦୁଛି କପାଳକୁ ନିନ୍ଦୁଛି
ଅପଦାର୍ଥ ଅପତ୍ୟର ପାଇଁ
ତା' ଶରୀର କର୍ତ୍ତନ କ୍ଷମତାର ବଣ୍ଟନ
କରିନେଲେ ଭାବିଲେ ସେ ନାହିଁ।
(୩)
ଜାତି ଧର୍ମ ଦ୍ବାହିରେ ଜନତାଙ୍କୁ ମୋହିଲେ
ମାତୃଭୂମି ନିନ୍ଦିତ ଯେ ହେଲା
ସମ୍ବିଧାନ ଗଢିଲେ ଅଭିଧାନ ପଢିଲେ
ସବୁଠାରେ କପଟର ଖେଳ
(୪)
ସାଧାରଣ ଜନତା ଭକୁଆର  ମାନ୍ୟତା
ବୁଝେନାହିଁ କ୍ଷମତାର ଛଳ
ବିଖଣ୍ଡିତ ଦେଶରେ ବିମଣ୍ଡିତ ଫାଶରେ
ନିଜ ମଧ୍ୟେ ଲାଗି କଳିଗୋଳ
(୫)
ସରେ ଅମା ରଜନୀ ମନୁ ଆଶା ତେଜନି
ପ୍ରକାଶିବ ନୂଆ କିରଣ
ଜୟହିନ୍ଦ୍ ଭାରତ ଶ୍ରେଷ୍ଠ ଏଇ ମରତ
କର ଅବା ବର ମରଣ ।

ଜୟ ହିନ୍ଦ୍

# ସକାଳ ଜଣାଣ



**ଗୋଦାବରୀଶ ଦାସ**

ବେଳ ଥାଉ ଖୋଜି, ରଖିଥା ତରୀ,
ବେଳ ରତରତ, ହେଲାଣି ଆଗତ
ଘନ ଅନ୍ଧାରର ଆସିବ ଘାରି,
ବେଳ ଥାଉ ଖୋଜି ରଖିଥା ତରୀ,,,,

ବାୟାମନ ହେଲୁ, ଏଡେ ସଂସାରୀ
ଖଟି ରାତିଦିନ ସଞ୍ଚିଲୁରେ ଧନ
ଭଜିଲୁନି ଦିନେ ସେହି ଶ୍ରୀହରି,
ବେଳଥାଉ ଖୋଜି ରଖିଥା ତରୀ,,,,,

ମାୟା ମୋହ ଘେରି,କରିଲେ ଚୋରି
ଲାଗିଛି ଅଭାବ, ରହୁନାହିଁ ଭାବ
ଭବ ସଂସାର ତୁ ହୋଇବୁ ପାରି
ବେଳଥାଉ ଖୋଜି ରଖିଥା ତରୀ,,,,

ସାଗର କୂଳରେ, କଳା ନାଉରୀ
ରହିଛନ୍ତି ଚାହିଁ, ତୋତେ ନେବାପାଇଁ
ଏଭବ ସାଗରୁ, କରିଣ ପାରି
ବେଳଥାଉ ଖୋଜି, ରଖିଥା ତରୀ,,,

ସଂସାରର ପଥ, ଖାମଣା ଖାଲ
ଖସିଗଲେ ଗୋଡ ହୋଇବରେ ମୋଡ
ହୋଇଯିବୁ ମନ କେତେ ଯେ ସରି
ବେଳଥାଉ ଖୋଜି ରଖିଥା ତରୀ,,,,,

ରଖିଥା ଭରସା ରାମ ଶ୍ରୀହରୀ
ବାହିନେବେ ତରୀ ହୋଇଣ ନାଉରୀ
ଭବ ସାଗରରୁ କରିବେ ପାରି,
ବେଳଥାଉ ଖୋଜି ରଖିଥା ତରୀ,,,

**ଶଙ୍ଖମୂଳ, ରଣପୁର, ନୟାଗଡ**

# ଆମ କବିତା

Volume : I ◆ Issue : 8 ◆ August 2022



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ



ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ

AMARISATYA ଆମରିସତ୍ୟ Estd.: 2006 ODISHA
M-1/5, M.P.Housing Board Colony
Post: P.N.College, Dist: Khordha, State: Odisha, Pin: 752057
+91-9437281655, Email : amarisatya@gmail.com